## ସଂଘବଦ୍ଧ ଆକ୍ରମଣରେ ଭାଙ୍ଗିଲା ବୋଲେରୋ, ୨ ଗୁରୁତର

**ରାଉରକେଲା, ୧।୨(ସମିସ):** ସେକ୍ଟର -୩ ଥାନା ଅନ୍ତର୍ଗତ ସେକ୍ଟର -୧ ସ୍ଥିତ ଦୁର୍ଗା ଛକ ଠାରେ ଏକ ବୋଲେରୋକୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ହୋଇ ଭଙ୍ଗାରୁଜା କରିବା ସହ ଗାଡ଼ିରେ ଥିବା କିଛି ଯୁବକଙ୍କୁ ମାରପିଟ୍ କରିଥିବା ନେଇ ଅଭିଯୋଗ ହୋଇଛି। ଫଳରେ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁବାର ଅପରାହ୍ନରେ ଏହି ଘଟଣା ଘଟିଥିଲା। ଝାଡ଼ଖଣ୍ଡ ରାଜ୍ୟର ନମ୍ବର୍ ଥିବା ବୋଲେରୋରେ ପ୍ରାୟ ୬-୮ ଜଣ ଯୁବକ ଉକ୍ତ ଛକ ନିକଟକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ସ୍ଥାନୀୟ ବସ୍ତି ଲୋକେ ଗାଡି ଭଙ୍ଗାରୁଜା କରିବା ସହ ଯୁବକମାନଙ୍କୁ ମାଡ଼ ମାରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଗୁରୁତର ଦ୍ୱୟଙ୍କୁ ଡାକ୍ତରଖାନା ନେଇଥିଲା। ମାତ୍ର କେଉଁ କାରଣରୁ ଏହି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ। ଅପରପକ୍ଷେ ଗାଡିରୁ ବିଭିନ୍ନ ମାରଣାସ୍ତ୍ର ବାହାରି ଥିବା ସୂଚନା ମିଳିଥିବା ବେଳେ ଟିମ୍ବର କଲୋନୀର ଯୁବକମାନେ ଅନ୍ୟ ଜଣେ ଯୁବକଙ୍କୁ ମାଡ଼ ମାରିବାକୁ ଯାଇଥିବା ସୂଚନା ମିଳିଛି। ଖବର ଲେଖାହେବା ସୁଦ୍ଧା ଘଟଣାକୁ ନେଇ ଥାନାକୁ ଫୋନ ଯୋଗେ ଯୋଗାଯୋଗ କରାଯାଇ ଥିଲେ ହେଁ ତାହା ସମ୍ଭବ ହୋଇପାରି ନଥିଲା।



# ପୁଣି ଶୁଆ ଛୁଆ ଉଦ୍ଧାର, ଜଣେ ଗିରଫ; ୨ ଫେରାର

**ରାଉରକେଲା, ୧।୨(ସମିସ)**

୧୦ ଦିନ ପରେ ପୁଣି ଶୁଆ ଛୁଆ ଉଦ୍ଧାର କରିଛି ରାଉରକେଲା ବନଖଣ୍ଡ ବିଭାଗ। ଶୁଆ ଛୁଆ କାରବାର ଅଭିଯୋଗରେ ଲାଠିକଟା ଥାନା ଅଧୀନ ନୂଆଗାଁର ତାହିର ଅନସାରୀ(୫୦)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତା' ଠାରୁ ୪୦ଟି ଶୁଆ ଛୁଆ ଉଦ୍ଧାର କରାଯାଇଛି ବୋଲି ଗୁରୁବାର ବାଗୁଡ଼ି ବସ୍ତି ଠାରେ ଥିବା ବନଖଣ୍ଡ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଏଫଓ ଯଶୋବନ୍ତ ସେଠୀ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଆଉ ଦୁଇ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଡିଏଫଓ ଶ୍ରୀ ସେଠୀ ଅଧିକ ସୂଚନା ଦେଇ କହିଲେ, ନୂଆଗାଁ ଠାରେ ଶୁଆ ମହଜୁଦ ଥିବା ନେଇ ବିଭାଗକୁ ସୂଚନା ମିଳିଥିଲା। ଏହି ଆଧାରରେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତ ଅନସାରୀ ଘରୁ ଶୁଆ ଛୁଆ ଉଦ୍ଧାର କରାଯାଇଥିଲା। ତାକୁ ଅଧିକ ପଚର ଉଚରା କରିବା ପରେ ସ୍ଥାନୀୟ ହାଟରୁ କମ୍ ମୂଲ୍ୟରେ କିଣି ରାଉରକେଲାରେ ଅଧିକ ଟଙ୍କାରେ ବିକ୍ରି କରିବାକୁ ଯୋଜନା କରିଥିବା ସ୍ୱୀକାର କରିଥିଲା। ଏହି କାରବାରରେ ଜଡ଼ିତ ଥିବା ଅନ୍ୟ ଦୁଇଜଣ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖାଯାଇଥିବା ବେଳେ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଉକ୍ତ ଚଢ଼ଉରେ ମୋବାଇଲ ସ୍କ୍ୱାର୍ଡର ରାଜୁ ମୁଣ୍ଡାରୀ, ରେଞ୍ଜର ପ୍ରସନ୍ନ ପ୍ରଧାନ, ଏସିଏଫ୍ ରାଜ କୁମାର ସେଠୀ, ଲାଠିକଟା ଫରେଷ୍ଟର ଶୂଳପାଣି ଦାଶ ସାମିଲ୍ ହୋଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ସଲବିନ୍ଦର ସିଂହ, ଏସିଏଫ୍ ସୌମ୍ୟ ରଞ୍ଜନ ଗୋଛାୟତ, ଏସିଏଫ୍ ରାଜକୁମାର ସେଠୀ ଓ ପାନପୋଷ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲୀମା ମଧ୍ୟ ଉପସ୍ଥିତ ଥିଲେ।

ବେଆଇନ୍ ଶୁଆ ଛୁଆ ଚାଲାଣ କରିବା ଅଭିଯୋଗରେ ବନ ବିଭାଗ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଶୀତଳନଗର ଅଞ୍ଚଳର ମୁନା ସାହୁ(୩୪) ଓ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲା ରୋଡ ଅଞ୍ଚଳର ଜଣେ ନାବାଳକକୁ ଗିରଫ କରିଥିଲା। ଏମାନଙ୍କ ଠାରୁ ୮୨ଟି ଶୁଆ ଛୁଆ ଜବତ କରାଯାଇ ଥିଲା।





## ୧୦ରେ ସୁନ୍ଦରଗଡ଼ ଜିଲ୍ଲା ଆଶା ଓ ଆଶାସାଥୀ ସାମ୍ମୁଖ୍ୟର ସମ୍ମିଳନୀ

**ରାଉରକେଲା, ୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଆଶା ଓ ଆଶା ସାଥୀ ସାମ୍ମୁଖ୍ୟର ଏକ ସମ୍ମିଳନୀ ଆଗାମୀ ୧୦ ତାରିଖ ଦିନ ସେକ୍ଟର-୭, ବି/୪୦ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ ବୋଲି ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାର ୩୬୪୦ ଜଣ ଆଶା ଓ ଆଶା ସାଥୀ ଯୋଗ ଦେବେ। କେନ୍ଦ୍ର ସରକାରଙ୍କ ମାତୃ ଓ ଶିଶୁ କଲ୍ୟାଣ ଯୋଜନାରେ ଆଶା ଓ ଆଶା ସାଥୀ ନିଯୁକ୍ତି ପାଇ କାର୍ଯ୍ୟକରି ଆସୁଥିବା ବେଳେ ଦୀର୍ଘ ଦିନରୁ ସେମାନଙ୍କ ମଜୁରୀରେ କୌଣସି ପରିବର୍ତ୍ତନ ଘଟି ନ ଥିବା ଦାବି ଉପସ୍ଥାପନା କରାଯିବ। ୨୦୧୮-୧୯ ଆର୍ଥିକ ବର୍ଷରେ ଆଶା କର୍ମୀ ମାନଙ୍କ ପ୍ରାପ୍ୟ ୪୮୫୦ ଟଙ୍କା ଏବଂ ଆଶା ସାଥୀଙ୍କ ପ୍ରାପ୍ୟ ୩ ହଜାର ଟଙ୍କା ରହିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତି, ଆଇନଜୀବୀ ବୈଦ୍ୟନାଥ ଦାସ, କାର୍ଯ୍ୟକାରୀ ସଭାପତି ସାଲୋନୀ ମିଞ୍ଜ୍, କାର୍ଯ୍ୟକାରୀ ସଭାପତି ବାବୁଲି ଦାସ, ଉପସଭାପତି ପ୍ରମୋଦ ଦାସ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦିକା ଝରଣା ମହାରଣା, ସମ୍ପାଦିକା ଲଳୀତା ତିର୍କୀ, ଦୁର୍ଗା ଓରାମ, ଜ୍ୟୋତି ଏକ୍କା, ସନ୍ଧ୍ୟା ସାହା, ଦୁର୍ଗା ଓରାମ୍, ପ୍ରକାଶ ସାବତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଶା ମାନଙ୍କ ପାଇଁ ୧୦ ହଜାର ଟଙ୍କା କଣ୍ଟିଜେନସି ବାବଦରେ ପାଇ ପାରିବେ ବୋଲି ନୋଟିସ କରିଥିଲେ। ଏବଂ ସେହି ଟଙ୍କା ରାଜ୍ୟର ସମସ୍ତ ଆଶା ମାଓ ଭଉଣୀମାନେ ପାଇସାରିଛନ୍ତି। ସେଥିପାଇଁ ସାମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତି ଏକ୍କା, ଉର୍ମିଳା ବରୂଆ, ବିରଜମଣୀ ସିଂ, କରୁଣା ମିଞ୍ଜ ସମେତ ବହୁ ଅଶା ଓ ଆଶା ଆଶାସାଥି ଉପସ୍ଥିତ ଥିଲେ।




## 'ନୂଆ-ଓ' ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ଆରମ୍ଭ

**ରାଉରକେଲା, ୧।୨(ସମିସ):** ରାଜ୍ୟ ସରକାରଙ୍କ ତରଫରୁ 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ପାନପୋଷସ୍ଥିତ ସ୍ପୋର୍ଟ୍ସ ହୋଷ୍ଟେଲ ପରିସରରେ ଆରମ୍ଭ ହୋଇଯାଇଛି। ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଶ୍ରୀ ନାୟକ ଖେଳାଳିମାନଙ୍କୁ ଉତ୍ସାହିତ କରି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ରାଜ୍ୟରେ କ୍ରୀଡ଼ା ତଥା କ୍ରୀଡ଼ାବିତମାନଙ୍କ ନିମନ୍ତେ ଉତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ତିଆରି କରାଯାଉଛି। ଏହା ଯୋଗୁଁ ଖେଳାଳିମାନେ ଭଲ ପରିବେଶରେ ଅଭ୍ୟାସ କରି ପାରୁଛନ୍ତି। ଆଶା କରୁଛି ଆଗାମୀ ଦିନରେ ଆମ ରାଜ୍ୟରୁ ତଥା ସୁନ୍ଦରଗଡ଼ ମାଟିରୁ ଅନେକ ପଦ୍ମଶ୍ରୀ ଦିଲୀପ ତିର୍କି ଓ ଲାଜରୁସ ବାର୍ଲା ପରି ଅନେକ ଖେଳାଳି ବାହାରିବେ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ଶ୍ରୀ ନାୟକ ଆଶା ପ୍ରକାଶ କରିଥିଲେ। ଏହି ରାଜ୍ୟସ୍ତରୀୟରେ ପ୍ରତିଯୋଗିତାର ପ୍ରଥମ ଦିନରେ ୩୦ଟି ଜିଲ୍ଲାରୁ ଆସିଥିବା ବାଳିକା ହକି ଦଳ ମଧ୍ୟରେ ପ୍ରଥମ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ କଳାହାଣ୍ଡି ବାଳିକା ହକି ଦଳ କେନ୍ଦୁଝରକୁ ୨-୦ ଗୋଲରେ ପରାସ୍ତ କରି ବିଜୟ ହାସଲ କରିଥିଲା। ସେହିପରି ନବରଙ୍ଗପୁର ବାଲେଶ୍ୱର ଦଳକୁ ୬-୦ ରେ, ନୟାଗଡ଼ ଦଳ ପୁରୀକୁ ୫-୦, ଢେଙ୍କାନାଳ ଭଦ୍ରକ କୁ ୧୪-୦, ଯାଜପୁର ରାୟଗଡ଼ାକୁ ୧-୦, ଗଞ୍ଜାମ ଅନୁଗୁଳକୁ ୩-୧, ବରଗଡ଼ ମାଲକାନଗିରି କୁ ୧-୦, ବଲାଙ୍ଗିର କନ୍ଧମାଳକୁ (୨) ୦-୦(୧), ଝାରସୁଗୁଡା ମୟୁରଭଞ୍ଜ କୁ ୬-୧ ଗୋଲରେ ପରାସ୍ତ କରିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ହକି ଆସୋସିଏସନ ଓଡ଼ିଶାର ସଚିବ ସନାତନ ସାହୁ, ଅଲେମ୍ପିଆନ ଲାଜରୁସ ବାର୍ଲା, ଜିଲ୍ଲା କ୍ରୀଡା ଅଧିକାରୀ ଅଭିଜିତ ମହାନ୍ତ, କାଳୁ ଚରଣ ଚୌଧୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉପସ୍ଥିତ ଥିଲେ। ବାର୍ଥୋଲୋମି କେରକେଟା ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।



## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୧।୨(ସମିସ):** ବେଦବ୍ୟାସସ୍ଥିତ ଗୁରୁକୂଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ୫୨ ଜଣ ବାଳିକା, ୨ ପ୍ରଶିକ୍ଷାର୍ଥ ତଥା ଭାରପ୍ରାପ୍ତ ଅଧିକାରୀ ଶ୍ୟାମ ବାଳା ଦାସ ଓ ଜ୍ୟୋସ୍ନା ରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟା କୁମାରୀ ସିଂ ଓ ତେଜସ୍ୱନି ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଇଥିଲେ। ଅଧକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂଯୋଜକ ଦିପ୍ତିମୟୀ ଅଧ୍ୟାପିକା ଯୋଗ ଦେଇଥିଲେ। ବକ୍ତବ୍ୟରେ ଉପ ଶାସ୍ତ୍ରୀ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନିଜର ସୁରକ୍ଷା ସଙ୍ଗେ ସମାଜର ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ। ବେଦ ମନ୍ତ୍ର ପାଠ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଡ. ପରମେଶ୍ୱର ଶତପଥୀ, ଡ. କେଦାର ନାଥ ପାଢ଼ୀ, କାଳୀଙ୍କିକର ପଣ୍ଡା, ଉଦ୍ଧବ ପ୍ରଧାନ, ସନ୍ତୋଷ ଲେଙ୍କା ସହଯୋଗ କରିଥିଲେ।



## ରାଜଗାଙ୍ଗପୁରରେ ବେଆଇନ ମଦ ବିକ୍ରି

● ଅବକାରୀ ବିଭାଗ ଚୁପ୍

**ରାଜଗାଙ୍ଗପୁର, ୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ପୌରପାଳିକା ଅଞ୍ଚଳରେ ପାନ ଦୋକାନଠୁ ଆରମ୍ଭ କରି ବଡ ବଡ ହୋଟେଲରେ ବେଧଡ଼କ ଭାବେ ବେଆଇନ ଭାବେ ଦେଶୀ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏତଦବ୍ୟତୀତ ରାଜଗାଙ୍ଗପୁର ଅଧୀନସ୍ଥ ରାଜ୍ୟ ରାଜପଥ କଡ଼ରେ ରହିଥିବା ହୋଟେଲ ଢାବାଗୁଡ଼ିକରେ ମଧ୍ୟ ବେଆଇନ ଭାବେ ଭାଟି ମଦ ସମେତ ବିଦେଶୀ ମଦ ଖୋଲାଖୋଲି ଭାବେ ପ୍ରଚୁର ମାତ୍ରାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏଥିରେ ଉଭୟ ପୁଲିସ ଏବଂ ଅବକାରୀ ବିଭାଗର ସମ୍ପୃକ୍ତି ରହିଥିବା ଚର୍ଚ୍ଚାହେଉଛି। ଏ ବାବଦରେ ରାଜଗାଙ୍ଗପୁର ଅବକାରୀ ଅଧିକାରୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହି ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ମଦ ବ୍ୟବସାୟୀ ମାଲେମାଲ ହେଉଥିବାବେଳେ ରାଜ୍ୟ ସରକାରଙ୍କୁ ବିପୁଳ ରାଜସ୍ୱ କ୍ଷତି ସହିବାକୁ ପଡୁଛି। ଏଣୁ ଜିଲ୍ଲା ଅବକାରୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ମଦବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

## ସୁବୋଧ ରାଉତରାୟ କଲେଜରେ ଆତ୍ମସୁରକ୍ଷା କୌଶଳ ଶିବିର




**ରାଉରକେଲା, ୧।୨(ସମିସ):** ବିଶ୍ରାସ୍ଥିତ ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଛି। ଅଧକ୍ଷ କ୍ଷୀରୋଦ କୁମାର ବରାଳ ଏବଂ ଶିବିର ସଞ୍ଚାଳିକା ଅଧ୍ୟାପିକା ଭି . ଲାବନ୍ୟାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗତ ଜାନୁଆରୀ ୧୬ ତାରିଖରେ ଅନୁଷ୍ଠିତ ଶିବିରର ଉଦଘାଟନୀ ଉତ୍ସବରେ ବିଶ୍ରା ଥାନା ଇନ୍ସପେକ୍ଟର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ସହିତ ଆତ୍ମବିଶ୍ୱାସ ବୃଦ୍ଧି କରି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶ୍ରା ବନଖଣ୍ଡ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ସୂଚନା ଦେଇଥିଲେ। ପ୍ରଦୀପ କୁମାର ରାଉତରାୟ ଓ ରୋହିତାସ କୁମାର ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ, ଦାୟିତ୍ୱବୋଧ, ଶୃଙ୍ଖଳା, ସହଯୋଗୀ ତଥା ଚରିତ୍ରବାନ ହୋଇ ରାଷ୍ଟ୍ର ଗଠନର ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ନଗେନ ଦାସ ମଞ୍ଚ ପରିଚାଳନା କରିଥିଲେ। ଶିବିର ସଞ୍ଚାଳିକା ଭି ଲାବଣ୍ୟ ଧନ୍ୟବାଦ୍ ଦେଇଥିଲେ। ସମସ୍ତ ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବ୍ଲାଷ୍ଟ ଫର୍ଣ୍ଣେସ-୫ରୁ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ

**ରାଉରକେଲା, ୧।୨(ସମିସ)**

ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜାନୁଆରୀ ମାସରେ ରେକର୍ଡ ପ୍ରଦର୍ଶନ କରିଛି। ୨୦୨୩ ବର୍ଷର ସଫଳତାର ଧାରାକୁ ଜାରି ରଖି ଇସ୍ପାତ କାରଖାନା ବର୍ଷର ପ୍ରଥମ ମାସରେ ସର୍ବଶ୍ରେଷ୍ଠ ମାସିକ ଅଶୋଧିତ ଇସ୍ପାତ ଉତ୍ପାଦନ ରେକର୍ଡ ହାସଲ କରିଛି। ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗ ୩୩୭, ୦୦୯ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ସହିତ ଗତ ମାର୍ଚ୍ଚ ମାସରେ ହାସଲ ହୋଇଥିବା ଏହାର ପୂର୍ବ ଶ୍ରେଷ୍ଠ ମାସିକ ଉତ୍ପାଦନ ୩୨୮, ୬୬୩ ଟନ୍ ରେ ଉନ୍ନତି ଆଣିଛି। ଆର୍ଏସ୍ପି ଅନେକ ପ୍ରମୁଖ କ୍ଷେତ୍ରରେ ଶ୍ରେଷ୍ଠ ଜାନୁଆରୀ ପ୍ରଦର୍ଶନ ମଧ୍ୟ ରେକର୍ଡ କରିଛି। ୨୫୮, ୪୯୩ ଟନ୍ ହଟ୍ ମେଟାଲ୍ ଉତ୍ପାଦନ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ସର୍ବ ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ହାସଲ କରିବା ସହିତ ଏହାର ଗତ ମାର୍ଚ୍ଚମାସର ୨୫୭, ୭୬୫ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ସିଣ୍ଟର୍ ପ୍ଲାଣ୍ଟ, କଞ୍ଚାମାଲ ପ୍ରବନ୍ଧନ ବିଭାଗ, କୋକ୍ ଓଭେନ, ଟ୍ରାଫିକ୍ ଏବଂ କଞ୍ଚାମାଲ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ, ଅମ୍ଳଜାନ କାରଖାନା, ଉତ୍ପାଦନ, ଯୋଜନା ଏବଂ ନିୟନ୍ତ୍ରଣ ବିଭାଗ ଏବଂ ଅନୁସନ୍ଧାନ ଓ ନିୟନ୍ତ୍ରଣ ପ୍ରୟୋଗଶାଳା, ଶକ୍ତି ପରିଚାଳନା ବିଭାଗ ଭଳି ସମସ୍ତ ସମ୍ପୃକ୍ତ ବିଭାଗର ଏକୀକୃତ ଦଳଗତ ଉଦ୍ୟମ ଏବଂ କଞ୍ଚାମାଲର ଗୁଣାତ୍ମକ ଯୋଗାଣ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଏସ୍ଏମ୍ଏସ୍-୨ ସାମୂହିକଙ୍କ ପ୍ରତିବଦ୍ଧ ପ୍ରୟାସ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି। ଫେବୃଆରୀ ୧ ତାରିଖରେ ଆର୍ଏସ୍ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ଏବଂ ଷ୍ଟିଲ୍ ମେଲ୍ଟିଂ ସପ୍ -୨ ପରିଦର୍ଶନ କରି ବିଭାଗୀୟ ସାମୂଦାୟିକ ତଥା ସହଯୋଗୀ ୟୁନିଟ୍ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହିତ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ ଏବଂ ବହୁ ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଭୌମିକ ରେକର୍ଡ ପ୍ରଦର୍ଶନ ପାଇଁ ସାମୂହିକଙ୍କ ପ୍ରଶଂସା କରିଥିଲେ। ଉଚ୍ଚସୁରକ୍ଷା ମାନ ହାସଲ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ବିଭାଗୀୟ ତଥା ସମସ୍ତ ଆନୁଷଙ୍ଗିକ ୟୁନିଟ୍ ମାନଙ୍କୁ ସୂର୍ଯ୍ୟବଂଶୀ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ବର୍ମା ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ତରୁଣ ମିଶ୍ର କର୍ମଚାରୀମାନଙ୍କୁ ରେକର୍ଡ ପ୍ରଦର୍ଶନ ଓ ଏବଂ ଉତ୍ତମ କାର୍ଯ୍ୟଧାରା ବଜାୟ ରଖିବା ପାଇଁ ପ୍ରଶଂସା କରିଥିଲେ। ଏକେ ବେହୁରିଆ ଦଳଗତ କାର୍ଯ୍ୟ ଏବଂ ସହଯୋଗୀ ବିଭାଗଙ୍କ ସହଯୋଗକୁ ପ୍ରଶଂସା କରିଥିଲେ।






## କେନ୍ଦ୍ରିକଳା ପଞ୍ଚାୟତ ଓ ସିଆରସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବଣାଇଁ, ୧।୨(ସମିସ):** ବିଦ୍ୟାଳୟସ୍ତରରେ ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ କରି ଶିକ୍ଷାଦାନ ପରିଚାଳନାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟର ୮୯ଟି ଶ୍ରେଷ୍ଠ ପଞ୍ଚାୟତ ମଧ୍ୟରେ ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ସ୍ଥାନ ପାଇଛି। ଯାହା ଫଳରେ ଏହି ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର ୱାର୍ଡସଭ୍ୟ ମୋହନଲାଲ ପାତ୍ର ଭୁବନେଶ୍ୱର ଗସ୍ତ କରି ପୁରସ୍କାର ଗ୍ରହଣ କରିଥିବା ଜଣାପଡ଼ିଛି। ସେହିପରି ଭାବେ ବଣାଇଁ ବ୍ଲକ କେନ୍ଦ୍ରିକଳା କ୍ଲଷ୍ଟରର ସିଆରସିସି ଚତୁର୍ଭୁଜ ପାତ୍ର ଜିଲ୍ଲାରେ ଶ୍ରେଷ୍ଠ ସିଆରସିସି ଭାବେ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ପୁରସ୍କାର ଗ୍ରହଣ କରିଛନ୍ତି।





## ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୧।୨(ସମିସ):** ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ସିଭିକ ସେଣ୍ଟର୍ ପରିସରରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁମନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କର ସଂଗ୍ରାମର ଧାରା କିପରି ଅଧୋପତିତ ଭାରତୀୟ ସମାଜର ମୁକ୍ତି ଏବଂ ଏହି ସମାଜ ମାଧ୍ୟମରେ ବିଶ୍ୱମାନବିକତାର ମୁକ୍ତି ପାଇଁ ଅଭିପ୍ରେତ ଥିଲା, ତାହା ଅତ୍ୟନ୍ତ ଚମତ୍କାର ଭାବରେ ବ୍ୟାଖ୍ୟା କରିଥିଲେ। ଏହି ସ୍ମୃତି ତର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫୁଲ୍ଲ କୁମାର ସାମଲ, ଦେବେନ୍ଦ୍ର ମହାରଣା, ମନୋଜ ମଲ୍ଲିକ, ଅମରେଶ ବେହେରା, ସୌରଭ ମହାନନ୍ଦଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବଣାଇଁ, ୧।୨(ସମିସ):** ବଣାଇଁସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଇ ଆତ୍ମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ବବିତା ବେହେରା ଓ ସୁମିତ୍ରା ଦାଶ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଅତି ଜରୁରୀ ବୋଲି ମତବ୍ୟକ୍ତ କରିବା ସହିତ ଛାତ୍ରୀମାନେ ନିଜକୁ ମାନସିକ ଓ ଶାରୀରିକସ୍ତରରେ ଅଧିକ ଦୃଢ଼ ରହିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ୯ ଦିନଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ରାଉରକେଲା, ୧।୨(ସମିସ):** ନୂଆଗାଁ ବ୍ଲକରେ ତ୍ରିଭାଷୀ ଶିକ୍ଷକ ଭାବେ ଜଣାଶୁଣା ବିନୋଦ କୁମାର ମାହାତୋ ଦୀର୍ଘ ୩୩ ବର୍ଷ ସଂଘର୍ଷମୟ ଚାକିରି ଜୀବନ ପରେ ଅବସରଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ନିମନ୍ତେ ନୂଆଗାଁ ବ୍ଲକର ମିଳିତ ଶିକ୍ଷକ ସଙ୍ଘ ଓ ଯୋଜଦା କ୍ଲଷ୍ଟର ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ସସ୍ମିତା ବେହେରା, ସହକାରୀ ଅଧିକାରୀ ବାନେ କେଛୁଆ, ବନମାଳୀ ମଲ୍ଲିକ, ପ୍ରତିଭା ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ ବିନୋଦ କୁମାର ମାହାତୋଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁ, ଅଶୋକ ସିଂ, ମଙ୍ଗଲ କେର୍କେଟା, ମନୋଜ ସାହୁ, ଜନାର୍ଦ୍ଦନ ସାହୁ, ବାସୁଦେବ ତ୍ରିପାଠୀ, ଆରୋତି ମିଶ୍ର, ଧୋନୀରାମ ସାହୁ, ରଞ୍ଜିତ ଏକ୍କା, ମଧୁସୂଦନ କୋରିଆଲି, ମଧୁସୂଦନ ମହାନନ୍ଦିଆ, ଶଙ୍କର୍ଷଣ ବେହେରା, ଅରୁଣ ବେହେରା, ସନ୍ତୋଷ ସିଂ, ବନ୍ଧନୁ ବଡାଇକଙ୍କ ସମେତ ଅନେକ ଶିକ୍ଷକ, ଗ୍ରାମ ଶିକ୍ଷାକମିଟି ତଥା ଗ୍ରାମବାସୀ ଉପସ୍ଥିତ ରହି ତାଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ସଶକ୍ତ ଓଡ଼ିଶା, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

**ହେମଗିରି, ୧।୨(ସମିସ):** ହେମଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶସକ୍ତ ଓଡ଼ିଶା, ବିକଶିତ ଓଡ଼ିଶା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ସରକାରଙ୍କ ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ପାଇଁ କରିଥିବା ବିଭିନ୍ନ ଯୋଜନା ଏବଂ ଜନଜାତିଙ୍କ ସଂସ୍କୃତିର ପ୍ରଗତି ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇଟିଡିଏର ଏଡିଡବ୍ଲୁଓ ଦମୟନ୍ତୀ ନାଏକ, ବିଡିଓ ବିଶ୍ୱନାଥ ସାହୁ, ଚିନ୍ମୟ ମିଶ୍ର, ସୁକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ୨୫ଜଣ ବ୍ୟକ୍ତିବିଶେଷ ଓ ୫୦ଜଣ ବ୍ୟକ୍ତି ଯିଏକି ସମାଜରେ ସଂସ୍କୃତି, ନୃତ୍ୟଗୀତ ଓ ବାଦ୍ୟ କଳାକାର, ଗ୍ରାମ ପ୍ରମୁଖ ରୂପେ ପରିଚିତ ତାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରବଣ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ଭାଲୁ ବହାଲ ଓ କୋଡବାହାଲର ଆଦିବାସୀ ପାରମ୍ପରିକ ନୃତ୍ୟସଙ୍ଗିତ ଦର୍ଶକଙ୍କ ମନ ମୋହିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଣାଇଁରେ ଡାଏଲିସିସ୍ କେନ୍ଦ୍ର ଉଦ୍‌ଘାଟିତ

# ମାଗଣା ସେବା ପାଇବେ କିଡ୍‌ନୀ ରୋଗୀ




**ବଣାଇଁ, ୧।୨(ସମିସ):** କିଡ୍‌ନୀ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ୪ ଶଯ୍ୟା ବିଶିଷ୍ଟ ଡାଇଲିସିସ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି, ଉପ ଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ବିଜେଡି ସାଂଗଠାନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବଣାଇଁର ଜନସାଧାରଣ, ମିଶନ ଶକ୍ତି ମହିଳା, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବଣାଇଁ ବ୍ଲକ ଅଲେଖପୁର ଗ୍ରାମର ଜଣେ କିଡ୍‌ନୀ ରୋଗୀ ଭଗବାନ ପାତ୍ର ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କ ସହିତ ତାଙ୍କର ଅନୁଭୂତି ବ୍ୟକ୍ତ କରିଥିଲେ। ଏହି କେନ୍ଦ୍ରର ଉଦ୍‌ଘାଟନ ପରେ ବୃକକ୍ ଜନିତ ସମସ୍ୟା ଦେଇ ଗତି କରୁଥିବା

### ● ଧନ୍ୟବାଦ ଦେଲେ ବଣାଇଁବାସୀ

ରୋଗୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ। ଗତ ମାର୍ଚ୍ଚ ୨୦୨୩ ମସିହାରେ ତତ୍କାଳୀନ ୫ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଜିଲ୍ଲା ପରିଦର୍ଶନ ସମୟରେ ଏନେଇ ସ୍ଥାନୀୟ ଅଧିବାସୀମାନଙ୍କ ତରଫରୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱର ସହ ବିଚାର କରି ବଣାଇଁ ଠାରେ ଏକ ଡାଇଲିସିସ୍ ୟୁନିଟ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେଲାପରେ ବଣାଇଗଡ଼ ବ୍ଲକ ସହ ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡ଼ ବ୍ଲକର ଲକ୍ଷାଧିକ ଲୋକ ଉପକୃତ ହେବେ। ପୂର୍ବରୁ ଡାଇଲିସିସ୍ ସୁବିଧା ଆବଶ୍ୟକ କରୁଥିବା ବୃକକ୍ ରୋଗୀମାନେ ରାଉରକେଲା ଏବଂ ସୁନ୍ଦରଗଡ଼ ଉପରେ ନିର୍ଭରଶୀଳ ଥିଲେ। ସପ୍ତାହକୁ ଦୁଇରୁ ତିନିଥର ଡାଇଲିସିସ୍ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ଏହି ସେବା ନିୟମିତ ହାସଲ କରିବା କଷ୍ଟକର ହୋଇ ଯାଉଥିଲା। ବୃକକ୍ ଜନିତ ସମସ୍ୟା ଦେଇ ଗତି କରୁଥିବା ରୋଗୀମାନେ ବାହାର ଜିଲ୍ଲାକୁ ଯିବାକୁ ପଡୁଥିଲା। ଏହାଦ୍ୱାରା ସେମାନଙ୍କ ଉପରେ ଆର୍ଥିକ ଓ ଶାରୀରିକ ଚାପ ପଡୁଥିଲା। ଫଳରେ ଅନେକ ଲୋକ ଚିକିତ୍ସା ବନ୍ଦ କରିବା ପାଇଁ ଚିନ୍ତା କରୁଥିଲେ। ଏବେ ବଣାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଡାଇଲିସିସ୍ ସେବା ଉପଲବ୍ଧ ହେବା ଫଳରେ ଲୋକମାନଙ୍କୁ ଆଉ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ବରଂ ଏହା ସେମାନଙ୍କ ହାତ ପାଆନ୍ତାରେ ମିଳିବ। ବିନା ଶୁଳ୍କରେ ସପ୍ତାହକୁ ୪ ଦିନ ଏହି ସେବା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁକ୍ତ ଯନ୍ତ୍ରପାତି ଦ୍ୱାରା ଦକ୍ଷ ଡାକ୍ତର, ଅଭିଜ୍ଞ ନର୍ସ ଓ ଟେକ୍ନିସିଆନ ଏହାର ପରିଚାଳନା କରିବେ। ବଣାଇଁରେ ଏହି ସୁବିଧା ମିଳିବା ପରେ ସରକାରଙ୍କ ତ୍ୱରିତ ପଦକ୍ଷେପରେ ଲୋକେ ଖୁସିହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## କେନ୍ଦ୍ର ବଜେଟ୍ ନୈରାଶ୍ୟଜନକ: ସିପିଆଇଏମ୍

**ରାଉରକେଲା, ୧।୨(ସମିସ):**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ସଂସଦରେ ଯେଉଁ ସାଧାରଣ ବଜେଟ୍ ଉପସ୍ଥାପନ କରିଛନ୍ତି, ଦେଶର ଜନସାଧାରଣ ଆଶା ରଖିଥିଲେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଲୋକଙ୍କ ହିତ ପାଇଁ କେନ୍ଦ୍ର ସରକାର କିଛି ଜନାଭିମୂଖୀ ପଦକ୍ଷେପ ଗ୍ରହଣ କରିଥିବେ, କିନ୍ତୁ ବଜେଟ ଘୋଷଣା ପରେ ଦେଶର ଜନଗଣଙ୍କୁ ଏହା ସମ୍ପୂର୍ଣ୍ଣ ନିରାଶ କରିଛି। କେବଳ ବୃହତ ପୁଞ୍ଜିପତି ଓ କର୍ପୋରେଟ ହାଉସକୁ ସୁହାଇଲା ଭଳି ବଜେଟ କରାଯାଇଛି। ମୋଦୀ ସରକାରଙ୍କ ଏହି ବଜେଟରେ ଧନୀ ଅଧିକ ଧନୀ ଏବଂ ଗରିବ ଲୋକ ଅଧିକ ଗରିବ ହେବେ। ସରକାରୀ ଆମଦାନୀ ୧୩.୩ ପ୍ରତିଶତକୁ ବୃଦ୍ଧି ହୋଇଥିବାବେଳେ ସରକାରୀ ଖର୍ଚ୍ଚ ୭ ପ୍ରତିଶତ ରେ ରହିଛି। ବଳକା ୬.୩ ପ୍ରତିଶତ ସରକାରୀ ଆମଦାନୀ ଏମାନେ ପୂର୍ବରୁ ଖର୍ଚ୍ଚ କରିସାରିଛନ୍ତି। ବଜେଟରେ ସାଧାରଣ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦି ଦିଆଯାଇଛି। ଏହି ବଜେଟ ପରେ ଦରଦାମ ବୃଦ୍ଧି, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ଓ ସାଧାରଣ ଲୋକଙ୍କ ଉପରେ ଅଧିକ ବୋଝ ଲଦି ହେବ ଏବଂ ସମ୍ପୂର୍ଣ୍ଣ ଜନବିରୋଧୀ ବଜେଟ ବୋଲି ସିପିଆଇଏମ୍, ସୁନ୍ଦରଗଡ଼ ଜିଲ୍ଲା କମିଟି ଓ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ସାଲୋମୀ ମିଞ୍ଜ, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଅଜୟ ଶର୍ମା, ଭଗବାନ କୁଣ୍ଡୁ, ବିଶ୍ୱଜିତ ମାଝୀ, ଯଯାତୀ କେଶରୀ ସାହୁ, ତାଜମୁନ ନେହାର, ଚନ୍ଦ୍ରଭାନୁ ଦାସ, ସୁରେନ୍ଦ୍ର ମହାନ୍ତି, ଏନ୍ ଏନ୍ ପାଣିଗ୍ରାହୀ, ଅରିନ୍ଦମ ଦତ୍ତ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ଦେବାନନ୍ଦ ରାଉତ, କବି ପ୍ରଧାନ, ଅଜିତ ଏକ୍କା, ଶେଖରଶର୍ମା ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ଏହି ଜନ ବିରୋଧି ବଜେଟକୁ ବିରୋଧ କରିଛନ୍ତି।

## ନୂତନ କମିଶନରଙ୍କ ଦାୟିତ୍ୱ ଗ୍ରହଣ




ରାଉରକେଲା, ୧।୨(ସମିସ): ରାଉରକେଲା ମହାନଗର ନିଗମର ନୂତନ କମିଶନର ଭାବେ ଆଶୁତୋଷ କୁଲକର୍ଣ୍ଣି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କ୍ରମରେ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ରାଉରକେଲା ମ୍ୟୁନିସିପାଲ ଏମ୍ପ୍ଲୋଇଜ୍ ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହା ସହ ସହରର ବିକାଶ ଦିଗରେ ସମସ୍ତ ପ୍ରକାର ସହଯୋଗ ଆଶା କରାଯାଇଥିଲା। ଏହି ଅବସରରେ ୟୁନିୟନର ସଭାପତି ଆନନ୍ଦ ଚନ୍ଦ୍ର ମାହାନ୍ତି, ସାଧାରଣ ସମ୍ପାଦକ ରସାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଉପସଭାପତି ସଚ୍ଚି ଦାସ, ସୁଶାନ୍ତ ମହାନ୍ତି, ସାଂଗଠନିକ ସମ୍ପାଦକ ଆଇଏଖାନ୍, କୋଷାଧ୍ୟକ୍ଷ ଧରଣୀ ବେହେରା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆଶୁତୋଷ କୁଲକର୍ଣ୍ଣି ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ଆରଏମସି କମିଶନର ସହ ରାଉରକେଲା ସ୍ମାର୍ଟ ସିଟି ସିଇଓ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆରଡିଏ ସେକ୍ରେଟାରୀ ଦାୟିତ୍ୱ ମଧ୍ୟ ଦିଆଯାଇଛି। ପୂର୍ବରୁ ଆରଏମସି କମିଶନର ତଥା ସ୍ମାର୍ଟ ସିଟି ସିଇଓ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ଆରଡିଏ ସେକ୍ରେଟାରୀ ଡ. ଶୁଭଙ୍କର ମହାପାତ୍ରଙ୍କ ଯାଜପୁର ଜିଲ୍ଲାପାଳ ଭାବେ ବଦଳି ହୋଇଯାଇଛି।

## ଚତୁର୍ଦ୍ଦଶ ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ




**ବଣାଇଁ, ୧।୨(ସମିସ)**

ବଣାଇଁଗଡ଼ ସହରସ୍ଥିତ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆରେ ଚତୁର୍ଦ୍ଦଶ ଖଣ୍ଡାଧାର 'ମହୋତ୍ସବ' ଆଜି ଉଦ୍‌ଯାପିତ ହୋଇଛି। ମହୋତ୍ସବର ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରମ ନିଯୋଜନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୁମନ ଦତ୍ତ, ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭୁବନେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ ଦି ରିଟ୍ରୋ ବିଟ୍ ର ନିଖୁଣ କଳା ପ୍ରଦର୍ଶନ ସମସ୍ତ ଅତିଥି ଓ ଦର୍ଶକଙ୍କୁ ବିମୋହିତ କରିଥିଲା। ଶ୍ରମ ନିଯୋଜନ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ଅନୁଷ୍ଠାନ ତରଫରୁ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ମହୋତ୍ସବର ସର୍ବୋଚ୍ଚ ସମ୍ମାନ 'ଖଣ୍ଡାଧାର ସମ୍ମାନ' ସମ୍ମାନରେ ସମ୍ମାନିତ କରିଥିଲେ। ବଣାଇଁ ଅଞ୍ଚଳରେ ଲୁକ୍କାୟିତ ଥିବା କଳା ପ୍ରତିଭାକୁ ଏହି ମହୋତ୍ସବ ମାଧ୍ୟମରେ ଲୋକଲୋଚନକୁ ଅଣାଯାଉଥିବାରୁ ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ମହୋତ୍ସବ ପାଇଁ ସମସ୍ତ ପ୍ରକାରର ସାହାଯ୍ୟ, ସହଯୋଗ ଯୋଗାଇ ଦେବାକୁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ସଦସ୍ୟ କୁମାର ଗୌତମ ବାରିକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସତ୍ୟ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବାଲ୍ୟ ବିବାହ ପରି ଏକ ସାମାଜିକ ବ୍ୟାଧି ଓ ଶିଶୁ ଶ୍ରମିକ ଉଚ୍ଛେଦ ଦିଗରେ ସାରା ଦେଶରେ ସରକାରୀ ସ୍ତରରେ ବ୍ୟାପକ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ପରିପ୍ରେକ୍ଷୀରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ମୁକ୍ତ ଭାରତ ସଚେତନତା ନିମନ୍ତେ ଖଣ୍ଡାଧାର ମହୋତ୍ସବ ମେଳାରେ ବଣାଇଁର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ଅନୁଷ୍ଠାନର ପ୍ରୟାସ ବେଶ୍ ପ୍ରଶଂସିତ ହୋଇଥିଲା।

## ବରିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଣାଇଁ, ୧।୨(ସମିସ): ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ ତୁଲାଇ ଆସୁଥିବା ଆଶିଷ କୁମାର ସାମଲ ସରକାରୀ ସେବା କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ସେ ୧୯୮୯ ରେ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ସହକର୍ମୀ, ଦିଲୀପ କୁମାର ପାତ୍ର, ଚୁନିଲାଲ ସାହୁ, ରମେଶ ବେହେରା, ରଜତ କୁମାର ନାୟକ, ଇଶ୍ୱର ଚନ୍ଦ୍ର ରଣା, କାର୍ତ୍ତିକ କିସାନ, ପ୍ରାଚୀ ପ୍ରଭା ସାହୁ, ସନ୍ତୋଷ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## କ୍ରୀଡ଼ା ପ୍ରତିଭା ସମ୍ବର୍ଦ୍ଧିତ



**ରାଉରକେଲା, ୧।୨(ସମିସ):** ଉଦିତନଗର ପରେଡ ଗ୍ରାଉଣ୍ଡଠାରେ ସାଧାରତନ୍ତ୍ର ଦିବସ ପାଳନ ଅବସରରେ ସହରକୁ ଗୌରବାନ୍ୱିତ କରିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କ୍ରମରେ ଜାତୀୟ ପେନକାକ ସିଲଟ ଜୁନିଅର୍ ବାଳକ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବା ଚନ୍ଦ୍ରଶେଖର ମାଝୀ ଓ ପ୍ରାରମ୍ଭିକ ଜୁନିଅର୍ ବାଳକ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବା ଆଦିତ୍ୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭୁବନେଶ୍ୱର ଠାରେ ଜାତୀୟ ଆଇ ବକ୍ସିଂ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବା ବିରାଟ ଗୁପ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୂପ ଭାବେ ଜାତୀୟ ଯୋଗାସନ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୪ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

**କୁତ୍ରା, ୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବା ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ କରାଯାଇଛି। କୁତ୍ରା ବ୍ଲକର ତୁନମୁରାଠାରେ ଥିବା ସାର୍ଗୁକିଶାନ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଅମରେଶ ସାହୁଙ୍କୁ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ୨୦୨୩/୨୪ ଶିକ୍ଷା ବର୍ଷ ପାଇଁ ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ରୂପେ ମାନପତ୍ର ଓ ସିଲ ଦେଇ ସମ୍ମାନୀତ କରାଯାଇଛି। ଶିକ୍ଷାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ପାଇଁ ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଏହି ପ୍ରୟାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପ୍ରୟାସ ଯୋଗୁଁ ଆଗାମୀ ଦିନରେ ଶିକ୍ଷା ଦାନର ଗୁଣବତ୍ତା ବଢ଼ିବା ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କର୍ତ୍ତବ୍ୟ ପରାୟଣ ହେବେ ବୋଲି ସାଧାରଣ ଚର୍ଚ୍ଚା ଚାଲିଛି। ଅମରେଶ ସାହୁ ଜଣେ ଅସାଧାରଣ ସାଧନା, ଦୃଢ ନିଷ୍ଠା, ଏକାଗ୍ରତା ତଥା ଶିକ୍ଷା କ୍ଷେତ୍ରରେ ନିରବଚ୍ଛିନ୍ନ ଉଦ୍ୟମ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷକ ସାହୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଠିକ ସେହିପରି କୁତ୍ରା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସିନାଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷକ ରୂପେ, ଲକ୍ଷ୍ମୀପୋଷ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ଶତପଥୀଙ୍କୁ ଶ୍ରେଷ୍ଠ ଓଡ଼ିଶା ଶିକ୍ଷୟିତ୍ରୀ ଓ ପଞ୍ଚରା ସରକାରୀ ବିଦ୍ୟାଳୟର ଶିକ୍ଷକ ବରୁଣ କୁମାର ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ସଂସ୍କୃତିକ ଶିକ୍ଷକ ରୂପେ ମାନପତ୍ର ଓ ସିଲ ଦେଇ ସମ୍ମାନିତ କରାଯାଇଛି।



### 'ଜନନୀ ସମ୍ପର୍କ ଅଭିଯାନ'

# ସାମାଜିକ ଉତ୍ଥାନରେ ମହିଳାଙ୍କ ସହାଭାଗିତା ଜରୁରୀ

**ରାଉରକେଲା, ୧।୨(ସମିସ):** ସେକ୍ଟର -୧୬ ଅନ୍ତର୍ଗତ ସ୍ଥାନୀୟ ପାର୍କ ନିକଟ ପଡ଼ିଆରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପାଲ୍ଲୀ ପ୍ରାକ୍ତନ ବିଧାୟକ ପାର୍ଥୀ ପ୍ରଶାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ 'ଜନନୀ ସମ୍ପର୍କ ଅଭିଯାନ' କାର୍ଯ୍ୟକ୍ରମରେ ପ୍ରଶାନ୍ତ ଯୋଗଦେଇ ଏଭଳି ସମାବେଶର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ନିଜ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସେ କହିଲେ ପରିବର୍ତ୍ତିତ ପରିସ୍ଥିତିରେ ସରକାର ଅନେକ ଲୋକାଭିମୁଖୀ ଯୋଜନା ପ୍ରଚଳନ କରିଛନ୍ତି। ଏଥିରେ ମହିଳାମାନଙ୍କ ଭୂମିକା ଏବଂ ସାମାଜିକ ଉତ୍ଥାନରେ ସହାଭାଗିତା ଅତ୍ୟନ୍ତ ଜରୁରୀ। ନିଜନିଜ ଅଞ୍ଚଳରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ ଅନ୍ୟ କିଛି ବାଧକ ଅଛି କି ନାହିଁ ବୋଲି ସେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସହରର ଅନେକ ବସ୍ତି ବାସିନ୍ଦା ସମସ୍ତଙ୍କ ଭଳି ସରକାରୀ ଯୋଜନାର ସୁଫଳ ପାଇବା ଆବଶ୍ୟକ ଏବଂ ସମ୍ପୃକ୍ତ ବସ୍ତିର ମଧ୍ୟ ଅନୁରୂପ ବିକାଶ ଜରୁରୀ। ଆନ୍ତରିକତା ଏବଂ ସହଯୋଗ ସଫଳର ମୂଳ ଉତ୍ସ ବୋଲି କହି ପ୍ରଶାନ୍ତ ଉପସ୍ଥିତ ମହିଳାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଣୁ ଯେଉଁ ମା ଭଉଣୀ କୌଣସି ଯୋଜନାରୁ ବଞ୍ଚିତ ଥିଲେ ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ପ୍ରଶାନ୍ତ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପାଞ୍ଚ ଶହରୁ ଉର୍ଦ୍ଧ ମହିଳା ଯୋଗ ଦେଇଥିଲେ। ଏହି ସମାବେଶରେ ସଂଯୁକ୍ତା ମହାନ୍ତି, ଲକ୍ଷ୍ମୀ ପ୍ରିୟା ରାୟ, ସଞ୍ଜୁଲତା ସାମଲ, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ ମଣ୍ଡଳ, ସବିତା ଝା, ବାସନ୍ତୀ ଖଡିଆ, ସନ୍ଧ୍ୟା ବେହେରା, ରାଧା ଭୂମିଜ, ଅମିତା ସିଂ, ଫୁଲଜେନସିଆ ସୋରେନ ଏବଂ ସୁନିତା ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।



# ଗଡ଼ିଲା ଜଙ୍ଗଲ ସୁରକ୍ଷା ସଚେତନତା ରଥ

**ହେମଗିରି,୧।୨(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ସୁନ୍ଦରଗଡ଼ ଜିଲ୍ଲା ବନବିଭାଗ ସୌଜନ୍ୟତାରେ ହେମଗିରି ରେଞ୍ଜ ହେମଗିରି ଉପଖଣ୍ଡ ବିଶ୍ୱନାଥପୁର, ଅର୍ଜୁଣ୍ଡା, ହେମଗିରି, କତରବଗା, ଓସ୍ତାଲି, ବୁଡ଼ାଝରିଆ, କୁଲଯୋର, ବଇଁରିଝରନ ଗ୍ରାମଗୁଡ଼ିକୁ ଯାଇ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସଚେତନ କରାଇଥିଲେ। ପାଞ୍ଚଦିନ ଧରି ସଚେତନ ରଥ ସହ ରେଞ୍ଜର ପ୍ରକାଶ ଚନ୍ଦ୍ର ନାଏକ , ହେମଗିରି ଫରେଷ୍ଟର ସଞ୍ଜୟ କୁମାର ନାଏକ, ଦାଘୋରା ଫରେଷ୍ଟର ସାନିକା ଟପୋ, କନିକା ଓ କୋଡବାହଲ ଫରେଷ୍ଟର ରାଜୀବ ଲୋଚନ ପଟେଲ, ରୋହିଣୀ ଫରେଷ୍ଟର ସନ୍ଧ୍ୟା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଏକ ଲକ୍ଷ ଘର ସମାଜ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ହେମଗିରି,୧।୨(ସମିସ):** ହେମଗିରି ବ୍ଲକ୍ ଏକଲକ୍ଷ ଘର ସମାଜ କଲ୍ୟାଣ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ହିତାଧିକାରୀଙ୍କୁ ଆବାସ ଗୃହ, ଗ୍ରାମକୁ ସିସି ରାସ୍ତା, ରାସ୍ତା କଡ଼ରେ ସୋଲାର ଲାଇଟ୍ ତଥା ଘରକୁ ଘର ପାନୀୟ ଜଳ ଯୋଗାଣ ପରି ବିଭିନ୍ନ ସୁବିଧା ସହଯୋଗ ପାଇଁ ଲକ୍ଷେ ଘର ସମାଜ ହେମଗିରି ବ୍ଲକ୍ ସଭାପତି କମଳ ଜୟପୁରିଆ , ସମ୍ପାଦକ ଲଳିତ କୁମାର କୁସୁମ, ସହ ସମ୍ପାଦକ ରମେଶ ଜୟପୁରିଆ, ସାଧାରଣ ସମ୍ପାଦକ ରତ୍ନାକର ତାଣ୍ଡିଆ, କୋଷାଧ୍ୟକ୍ଷ ଗିର୍ଜା ଭୈସା, ସଂଗଠକ ପାଞ୍ଚମତି କଣ୍ଟା, ସଭ୍ୟା ଲଳିତା ଦିପ ପ୍ରମୁଖ ବିଡିଓଙ୍କ ଅନୁପସ୍ଥିତିରେ ଏଇଇ ଚିନ୍ମୟ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ହାଇସ୍କୁଲ କିରାଣିଙ୍କ ଅକାଳ ବିୟୋଗ

ସୁନ୍ଦରଗଡ,୧।୨(ସମିସ): ବଡ଼ଗାଁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଯୁବ କିରାଣି ଶ୍ରୀକାନ୍ତ ପଟେଲ (୪୨)ଙ୍କ ଅକାଳ ବିୟୋଗ ଘଟିଛି। କିଛି ବର୍ଷ ତଳେ ଶ୍ରୀକାନ୍ତ ବାଲେଶ୍ୱର ଜିଲ୍ଲାରୁ ସୁନ୍ଦରଗଡ ଜିଲ୍ଲାକୁ ବଦଳି ହୋଇ ଆସିବା ପରେ ତାଙ୍କ ଏହି ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା। ତାଙ୍କ ଘର ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସାଗରପାଲି ଗ୍ରାମ ହୋଇଥିବାରୁ ସେ ଏତେ ବାଟରୁ ଡ୍ୟୁଟି ଯିବା ଆସିବା ନ କରି ବିଦ୍ୟାଳୟ କ୍ୱାଟରରେ ଏକୁଟିଆ ରହି ଆସୁଥିଲେ। ବୁଧବାର ସେ ଡ୍ୟୁଟି ନ ଯାଇ କ୍ୱାଟରରେ ରହିଥିବା ବେଳେ ସନ୍ଧ୍ୟାରେ ତାଙ୍କ ଜଣେ ସହକର୍ମୀ ଆସି ବିଛଣାରେ ନିସ୍ତେଜ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଅନ୍ୟ ସହକର୍ମୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କୁଲଡ଼ା ଖଣି ନିକଟରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ସୁନ୍ଦରଗଡ଼,୧।୨(ସମିସ): ହେମଗିର ଥାନା ଅଧୀନ କୁଲଡ଼ା ଖଣି ଗେଟ ନିକଟରୁ ପୁଲିସ ଗୁରୁବାର ସକାଳୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକ ସୁନ୍ଦରଗଡ଼ ପତ୍ରାପଡ଼ାର ରାହୁଲ କଲସେର (୨୩) ବୋଲି ଜଣାପଡ଼ିଛି। ରାହୁଲଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ମୁହଁ ମାଡି ପଡି ରହିଥିବା ବେଳେ ତାଙ୍କ ଦୁଇ ଆଣ୍ଠୁ ଉପରେ ଗାଡ଼ି ମଡ଼ା ଚିହ୍ନ ରହିଛି। ଏଣୁ ତାଙ୍କ ଉପରେ ଗାଡି ମଡ଼ାଇ ହତ୍ୟା କରା ଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପୁଲିସ୍ ଇନ୍ସପେକ୍ଟରଙ୍କ ସ୍ୱେଚ୍ଛାକୃତ ଅବସରଗ୍ରହଣ



**ସୁନ୍ଦରଗଡ଼,୧।୨(ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଯୁବ ପୁଲିସ ଇନ୍ସପେକ୍ଟର ଜଗଦୀଶ ବାରା ବୁଧବାର ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି। ପ୍ରାୟ ୩ ମାସ ତଳୁ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ବେଳେ ଗତକାଲି ତାଙ୍କ ଆବେଦନ ଗ୍ରହଣ ହୋଇଛି। ଶ୍ରୀ ବାରା ସବ୍ ଇନ୍ସପେକ୍ଟର ଥିବା ସମୟରେ ଲେଫ୍ରିପଡା ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପରେ ଗତ ୨୦୨୧ ମସିହା ଡିସେମ୍ବର ୩୧ ତାରିଖରେ ସେ ସୁନ୍ଦରଗଡ ଟାଉନ ଥାନା ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ କିଞ୍ଜିରିକେଲା, ହେମିଗିର ଆଦି ଥାନା ଆଇଆଇସି ଦାୟିତ୍ୱ ଦିଆ ଯାଇଥିବା ବେଳେ ଗତବର୍ଷ ଡିସେମ୍ବର ୮ ତାରିଖରେ ବିନା ରିଲିଭରରେ ତାଙ୍କ ଜିଲ୍ଲା ପୁଲିସ ମୁଖ୍ୟାଳୟର ଆଇୟୁସିଏଡବ୍ଲୁକୁ ବଦଳି ହୋଇଥିଲା। ସେ ଜଣେ ଦକ୍ଷ ପୁଲିସ ଅଧିକାରୀ ହୋଇଥିଲେ ହେଁ ଏପରି ବାରମ୍ବାର ବଦଳିରେ ବିତସ୍ପୃହ ହୋଇ ସ୍ୱେଚ୍ଛାକୃତ ଅବସରଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

# ମାଟିର ପିଣ୍ଡୁଳାକୁ ଗଢ଼ି ତୋଳିବାରେ ସମସ୍ତଙ୍କ ଦାୟିତ୍ୱ ରହିଛି

## ତେଲେନଡିହି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ସୁନ୍ଦରଗଡ଼,୧।୨(ସମିସ):** କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ତେଲେନଡିହି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଛି। ଉକ୍ତ ସମାରୋହରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ହେଉଛନ୍ତି ମାଟି ପିଣ୍ଡୁଳା ବୋଲି କହିବା ସହ ଏହି ମାଟି ପିଣ୍ଡୁଳାକୁ ଗଢି ତୋଳିବାରେ ଶିକ୍ଷକ ଶିକ୍ଷୟିତ୍ରୀ, ବାପା ମାଁ ଆଦି ସମସ୍ତଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗରପାଲି ତହସିଲଦାର ରାଜୀବ ହାସଦା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଳିଦାଶ ମାରାଣ୍ଡି, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦାମୋଦର ମାଝୀ ଯୋଗ ଦେଇଥିବା ବେଳେ କାଞ୍ଚନଲତା ଗିରି, ଚିନ୍ତାମଣି ନାଏକ , ଶ୍ରୀକାନ୍ତ ପଟେଲ, ମମତା ପଟେଲ, ରଥି ମେହର, ମନୋଜ ମାଝୀ, ସୂର୍ଯ୍ୟକାନ୍ତ ଖଣ୍ଡା, ଉପାସୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ପଟେଲ ବାର୍ଷିକ ବିବରଣୀ ପଠନ ଓ ସହକାରୀ ଶିକ୍ଷକ ଶେଷଦେବ ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

# ଏନ୍‌ଟିପିସି ସୁପରଥର୍ମାଲ ପାୱାରଷ୍ଟେସନର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ସୁନ୍ଦରଗଡ଼,୧।୨(ସମିସ):**



ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡା ବ୍ଲକ୍ ଅଧୀନ ଏନ୍‌ଟିପିସି ଦର୍ଲିପାଲି ସୁପରଥର୍ମାଲ ପାୱାରଷ୍ଟେସନର ଶିଳାନ୍ୟାସ କରିବେ। ଦର୍ଲିପାଲି ଏସ୍‌ଟିପିପି ହେଉଛି ସୁପରକ୍ରିଟିକାଲ ( ଅତ୍ୟନ୍ତ ଦକ୍ଷ) ଜ୍ଞାନକୌଶଳ ସମ୍ପନ୍ନ ଏକ ପିଟ୍ ହେଡ୍ ପାୱାର ଷ୍ଟେସନ। ଉକ୍ତ ପାୱାର ଷ୍ଟେସନ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଗୁଜରାଟ ଏବଂ ସିକିମ ଆଦି ରାଜ୍ୟ ଗୁଡ଼ିକୁ କମ୍ ମୂଲ୍ୟରେ ବିଜୁଳି ଯୋଗାଉଛି । ଏନଟିପିସି ଓଡ଼ିଶାର ସୁନ୍ଦରଗଡ଼ରେ ଏକ ମେଡିକାଲ କଲେଜ ତଥା ହସ୍ପିଟାଲ ପ୍ରତିଷ୍ଠା କରିଛି। ସେହିପରି ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଏନଟିପିସି-ସେଲ୍ ପାୱାର କମ୍ପାନୀ ଲିମିଟେଡର ୨୫୦ ମେଗାୱାଟ୍ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଏହା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ କାରଖାନାକୁ ନିର୍ଭରଯୋଗ୍ୟ ଶକ୍ତି ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ଉକ୍ତ ଏନ୍‌ଏସପିସିଏଲ୍ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଏନଟିପିସି ତାଳଚେର ଥର୍ମାଲ ବିଦ୍ୟୁତ ପ୍ରକଳ୍ପ ଷ୍ଟେଜ୍-୩ର ଶିଳାନ୍ୟାସ କରିବେ। ଏହି ସମସ୍ତ ପ୍ରକଳ୍ପ ନିମନ୍ତେ ବିନିଯୋଗ ରାଶି ୨୮,୯୭୮ କୋଟି ଟଙ୍କା ରହିଛି । ଏନଟିପିସି ଓଡ଼ିଶାର ଅନୁଗୁଳ ଜିଲ୍ଲାର ପୁରୁଣା ଟିଟିପିଏସ୍ ପ୍ଲାଣ୍ଟ ପରିସରରେ ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ, ଷ୍ଟେଜ୍-୩ ନିର୍ମାଣ କରୁଛି। ଏହାକୁ ଏନ୍‌ଟିପିସି ୧୯୯୫ ମସିହାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡଠାରୁ ଅଧିଗ୍ରହଣ କରିଥିଲା। ଦେଶପାଇଁ ୫୦ ବର୍ଷରୁ ଅଧିକ ସେବା ପ୍ରଦାନ କରିବା ପରେ ପୁରୁଣା ଟିଟିପିଏସ୍ କାରଖାନାକୁ ଅଚଳ କରି ଦିଆଯାଇଥିଲା। ନିର୍ମାଣ ହେବାକୁ ଥିବା ଏହି ନୂତନ ପ୍ଲାଟ୍‌ରେ ଅତ୍ୟନ୍ତ ଦକ୍ଷ ଅଲଟ୍ରା ସୁପର କ୍ରିଟିକାଲ ଟେକ୍ନୋଲୋଜି ଆଧାରିତ ୟୁନିଟ୍ ଏବଂ ଏହି ପ୍ଲାଣ୍ଟର କ୍ଷମତା ପୁରୁଣା ଟିଟିପିଏସ୍ ପ୍ଲାଣ୍ଟର କ୍ଷମତା ଠାରୁ ତିନି ଗୁଣ ଅଧିକ ରହିବ । ଏହି ପ୍ରକଳ୍ପର ୫୦ ପ୍ରତିଶତ କ୍ଷମତା ଓଡ଼ିଶା ରାଜ୍ୟକୁ ସମର୍ପିତ ହୋଇଥିବା ବେଳେ ଅନ୍ୟ ହିତାଧିକାରୀ ରାଜ୍ୟ ତାମିଲନାଡୁ, ଗୁଜରାଟ ଓ ଆସାମ ମଧ୍ୟ ଏହି ପିଟ୍ ହେଡ୍ ଷ୍ଟେସନରୁ କମ୍‌ମୂଲ୍ୟରେ ବିଜୁଳି ପାଇବେ। ଦକ୍ଷ ଇଲେକ୍ଟ୍ରୋଷ୍ଟାଟିକ୍ ଅବକ୍ଷେପକ, ଫ୍ଲୁଗ୍ୟାସ୍ ଡିସଲଫ୍ୟୁରାଇଜେସନ୍, ବାୟୋ-ମାସ୍ କୋଫାୟାରିଂ, କୋଇଲା ପାଇଁ କରର ଷ୍ଟୋରେଜ୍ ସ୍ପେସ୍ ଭଳି ସମସ୍ତ ଆଧୁନିକ ପରିବେଶ ବୈଶିଷ୍ଟ୍ୟ ସହିତ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାଦ୍ୱାରା କମ୍ ନିର୍ଦ୍ଦିଷ୍ଟ କୋଇଲା ବ୍ୟବହାର ହେବ ଏବଂ ଏହା କମ୍ ଅଙ୍ଗାରକାମ୍ଳ ନିର୍ଗମନରେ ସହାୟକ ହେବ। ଏହି ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଏହି ପ୍ରକଳ୍ପଗୁଡ଼ିକ ପ୍ରତ୍ୟକ ଭିତିଭୂମି ଯଥା ଆପ୍ରୋଚ୍ ରୋଡ, ଡ୍ରେନେଜ୍, ପରିବହନ ଏବଂ ଯୋଗାଯୋଗ ସୁବିଧାରେ ଉନ୍ନତି ଆଣିବାରେ ସହାୟକ ହୋଇଛି । ଶିକ୍ଷା, ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଗ୍ରାମୀଣ କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଆଖପାଖ ଗ୍ରାମରେ ଏନ୍‌ଟିପିସି ପକ୍ଷରୁ ବିଭିନ୍ନ ଗୋଷ୍ଠୀ ବିକାଶମୂଳକ ପଦକ୍ଷେପ ନିଆଯାଉଛି ।

# ଅଞ୍ଚଳ ପାଇଁ ଗୌରବ ପୂର୍ଣ୍ଣଚନ୍ଦ୍ର ଓ ଭବାନୀ






**ବାଲିଶଙ୍କରା,୧।୨(ସମିସ):** କ୍ରୀଡ଼ା କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକ ସୁନାମ ଅର୍ଜନ କରିପାରିଥିବାବେଳେ ଶିକ୍ଷା କ୍ଷେତ୍ରରେ ମଧ ବାଲିଶଙ୍କରା ବ୍ଲକ ସର୍ବଶ୍ରେଷ୍ଠ ସ୍ଥାନରେ ରହିଛି। ବ୍ଲକର ବନ୍ଧବାହାଲ ଗ୍ରାମର ସମାଜସେବୀ ସ୍ୱର୍ଗତ ବସନ୍ତ ସେଠ ଓ ବେଳମତିଙ୍କ ବଡପୁଅ ପୂର୍ଣ୍ଣଚନ୍ଦ୍ର ହରି ସେଠ ଗତ ୧୯୯୦ ମସିହାରେ ବରଗଡ଼ ଜିଲ୍ଲାର ବରପାଲି କଲେଜରେ ନିଜ ଜୀବନର ଅଧ୍ୟାପକ ଭାବେ ଶୁଭାରମ୍ଭ କରିଥିଲେ। ୧୯୯୩-୨୦୦୩ରେ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ମହାବିଦ୍ୟାଳୟରେ, ୨୦୦୩-୨୦୦୬ ଯଶିପୁର ମହାବିଦ୍ୟାଳୟ, ୨୦୦୬-୨୦୨୨ ମେ ମାସ ୨୦ ତାରିଖ ପର୍ଯ୍ୟନ୍ତ ଡ. ଝସକେତନ ସାହୁ ମହାବିଦ୍ୟାଳୟରେ ଅଧ୍ୟାପକ ଓ ପରେ ସେହି ମହାବିଦ୍ୟାଳୟରୁ ପ୍ରମୋସନ ପାଇ ଅଧକ୍ଷ ଭାବେ କାର୍ଯ୍ୟଭାର ତୁଲାଇ ଥିଲେ। ଗତକାଲି ଅବସର ପରେ ସମାଜ ଓ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ କରିବି ବୋଲି କହିଛନ୍ତି। ଅପରପକ୍ଷେ ବଡ଼ଭାଇର ଅବସର ଦିନ ସାନଭାଇ ଭବାନୀ ଶଙ୍କର ସେଠଙ୍କ ଡେପୁଟି କମାଣ୍ଡାଣ୍ଟରୁ କମାଣ୍ଡାଣ୍ଟ ଭାବେ କାର୍ଯ୍ୟଭାର ପାଇଁ ୨ୟ ଓଏଏସପି ବାଟାଲିୟନର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କମାଣ୍ଡାଣ୍ଟ ଆଶିଷ ଦୁବେ ଅବସର ପରେ ଗତ ୩୧ ତାରିଖ ଦିନ ତାଙ୍କ ଠାରୁ କାର୍ଯ୍ୟଭାର ନେଇଛନ୍ତି। ସେ ଜାତୀୟସ୍ତରୀୟ ଫୁଟବଲ ଖେଳ ୧୯୯୪ ମସିହାରେ ରାଉଲକେଲା ୪ର୍ଥ ଓଏଏସପି ବାଟାଲିୟନରେ ସରଜେଣ୍ଟ ଭାବେ ପୁଲିସ ବିଭାଗରେ ଚାକିରି ଶୁଭାରମ୍ଭ କରିଥିଲେ। ୧୯୯୫ - ଯାଜପୁର ଜିଲ୍ଲାର ପାଣିକୋଇଲିର ସରଜେଣ୍ଟ, ୨୦୦୫ରେ ଆରକ୍ଷୀ ନିରୀକ୍ଷକ ନୂଆପଡାଜିଲ୍ଲାରେ, ୨୦୧୦- ଆସିଷ୍ଟାଣ୍ଟ ସହକାରୀ ଦୁର୍ଗପତି ଦେବଗଡ, ୨୦୧୩- ପ୍ରଥମ ଆଇଆରବି ପ୍ରମୋସନ ପାଇଥିଲେ। ସେ ପୁଲିସ ବିଭାଗରୁ ଡିଜିପିଡିସ୍କଓ ଆନ୍ତରିକ ସୁରକ୍ଷା ମେଡାଲରେ ପୁରସ୍କୃତ ହୋଇଛନ୍ତି।

# ହତ୍ୟାକାରୀ ଦମ୍ପତି ଗିରଫ

**ହେମଗିରି,୧।୨(ସମିସ):** ହେମଗିରି ଥାନା ଛତାବର ଗ୍ରାମରେ ଘଟିଥିବା ହତ୍ୟା ଘଟଣାର ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି ପୁଲିସ। କିଛିଦିନ ପୂର୍ବେ ଘଟିଥିବା ହତ୍ୟା ଘଟଣାର ପର୍ଦ୍ଦାଫାଶ କରି ଆରୋପୀଙ୍କୁ ଧରିବା ପାଇଁ ଫାଣ୍ଡି ଅଧିକାରୀ ଚିତ୍ରଗୁପ୍ତ ଚମ୍ପୁଆ ଓ ସହକର୍ମୀ ସଫଳ ହୋଇଛନ୍ତି। ସ୍ୱାମୀ ଲମ୍ବୋଦର ଭୂୟର, ଏବଂ ସ୍ତ୍ରୀ - ଉର୍ମିଳା ଭୂୟର ଛତିଶଗଡ଼ରୁ ଆସି ଭଡ଼ା ସୂତ୍ରରେ ଛତବର ଠାରେ ରହିଆସୁଥିଲେ। ପ୍ରାୟ ସବୁଦିନ ମଦପିଇ ମୃତକ ଝଗଡ଼ା କରୁଥିବାରୁ ସହି ନ ପାରି ଚରମ ନିଷ୍ପତ୍ତି ହିଁ ହତ୍ୟା କରିଥିବା ଆରୋପୀ ଦ୍ୱୟ ବୟାନ ଦେଇଛନ୍ତି। ଗୁରୁବାର ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ଼,୧।୨(ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଆତ୍ମସୁରକ୍ଷା ସକାଶେ ପ୍ରଶିକ୍ଷିତ କରାଯାଉଛି। ଆବଶ୍ୟକ ସ୍ଥଳେ ସେମାନେ ଏହାକୁ ଉପଯୋଗ କରି ନିଜକୁ ସୁରକ୍ଷିତ ରଖିବାର ଲକ୍ଷ୍ୟ ରଖା ଯାଇଛି। ଏ କ୍ରମରେ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନ ଧରି ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି।

## ଭେଷଜ ରମ୍ଭାବତୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ




ସୁନ୍ଦରଗଡ଼ ସଦର ବ୍ଲକ୍‌ର କୁଣ୍ଡୁକେଲାସ୍ଥିତ ଭେଷଜ ରମ୍ଭାବତୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଉକ୍ତ ଶିବିରରେ ପ୍ରଶିକ୍ଷିକା କରିସ୍ମା ସା ଓ ଲକ୍ଷ୍ମୀ ମହାକୁର ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କଳାକୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ବସନ୍ତ କୁମାର ନାୟକ ବର୍ତ୍ତମାନ ସମୟରେ ସମାଜରେ ନାରୀମାନଙ୍କ ପ୍ରତିବୃଦ୍ଧି ପାଉଥିବା ପାରିବାରିକ ହିଂସା, ଅତ୍ୟାଚାର ଓ ଅସୁରକ୍ଷିତ ମନୋଭାବ ଏକ ଆହ୍ୱାନ ହୋଇ ଠିଆ ହୋଇଥିବାରୁ ବିଦ୍ୟାଳୟସ୍ତରରୁ ନାରୀମାନଙ୍କୁ ଏହା ବିରୋଧରେ ଆତ୍ମସଚେତନ ହେବା ଓ ଆତ୍ମସୁରକ୍ଷାର କଳା ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସ୍ଥାନୀୟ ଲମ୍ବୋଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାରିନା ସାମରିଆ ମୁଖ୍ୟଅତିଥି ଏବଂ ବିଶିଷ୍ଟ କବି ପ୍ରସାଦୀ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ରଶ୍ମିରେଖା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅଧ୍ୟାପିକା ପ୍ରତିଭା ତନ୍ତୀ ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଅରୁଣା ଭୋଇଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

## ଏସ୍‌ଆରଡିଏମ୍‌ଏନ୍ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ




ଲେଫ୍ରିପଡ଼ା ବ୍ଲକର ସର୍ଗିପାଲିସ୍ଥିତ ଏସ୍‌ଆରଡିଏମ୍‌ଏନ୍ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ଦେଓଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପାନୀ ଉତ୍ସବରେ ସର୍ଗିପାଲି ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ଏବଂ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ ଅତିଥି ଭାବେ ଯୋଗଦେଇ ଥିଲେ। ଡ. ଭଗବାନ ପଟେଲ ଓ ଶକୁନ୍ତଳା ମିଶ୍ର ସାଂପ୍ରତିକ ସ୍ଥିତିରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାରେ କୁଶଳୀ ହେବାର ଜରୁରୀ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ସନାତନ ଖୁଣ୍ଟିଆ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଟାଙ୍ଗରପାଲି ବ୍ଲକର ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଶିକ୍ଷିକା ଭାବେ କରିସ୍ମା ସା ଯୋଗ ଦେଇ ବିଦ୍ୟାଳୟର ୪୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ ଶାରୀରିକ କଳା କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ମିଶ୍ର ଯୋଗଦେଇ ସରକାରଙ୍କ ଏତାଦୃଶ ଦୂରଦର୍ଶୀ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇ ଥିଲେ। ଅଧ୍ୟାପିକା ଝରଣା ଆଚାର୍ଯ୍ୟ, ଅଧ୍ୟାପିକା ଜସ୍ମିନ୍ ପୁରୋହିତ, ସଂଯୁକ୍ତା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# ସୁନ୍ଦରଗଡ଼ ଜିଲ୍ଲାର ଅନେକ ପୁରସ୍କାର ହାସଲ




**ସୁନ୍ଦରଗଡ଼,୧।୨(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ୧୪ଟି ବର୍ଗକୁ ପୁରସ୍କୃତ କରାଯାଇଛି। ଉକ୍ତ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲା ଅନେକ ପୁରସ୍କାର ହାସଲ କରି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛି।

**ସୁନ୍ଦରଗଡ଼ ଶ୍ରେଷ୍ଠ ଶିକ୍ଷା ଜିଲ୍ଲା ଭାବେ ପୁରସ୍କୃତ**

ଉକ୍ତ ସମାରୋହରେ ସୁନ୍ଦରଗଡ଼ ଶ୍ରେଷ୍ଠ ଶିକ୍ଷା ଜିଲ୍ଲା ଭାବେ ପୁରସ୍କୃତ ହୋଇଛି। ସୁନ୍ଦରଗଡ଼ ବ୍ୟତୀତ ଝାରସୁଗୁଡ଼ା, ବାଲେଶ୍ୱର, କେନ୍ଦୁଝର ଓ ଜଗତସିଂପୁର ଜିଲ୍ଲାକୁ ମଧ୍ୟ ଶ୍ରେଷ୍ଠ ଶିକ୍ଷା ଜିଲ୍ଲା ପୁରସ୍କାର ପ୍ରଦାନ କରାଯାଇଛି। ସୁନ୍ଦରଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। କେସିପି ପଞ୍ଚାୟତ ହାଇସ୍କୁଲକୁ ରାଜ୍ୟସ୍ତରୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର ଲେଫ୍ରିପଡ଼ା ବ୍ଲକର ଗିରିଙ୍ଗକେଲାସ୍ଥିତ କେଶବ ଚନ୍ଦ୍ର ପୃଷ୍ଠେଠ ପଞ୍ଚାୟତ ଉଚ୍ଚବିଦ୍ୟାଳୟକୁ ରାଜ୍ୟସ୍ତରୀୟ ମାଧ୍ୟମିକ ପୁରସ୍କାର ମିଳିଛି। ଉକ୍ତ ବିଦ୍ୟାଳୟ ରାଜ୍ୟର ଦଶ ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇ ଥିବାରୁ ପୁରସ୍କୃତ କରାଯାଇଛି। ସେହିପରି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର ରାଜ୍ୟସ୍ତରୀୟ ମାଧ୍ୟମିକ ପ୍ରଧାନ ଶିକ୍ଷକ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି।

**ସଦର ବ୍ଲକ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରସ୍କୃତ**

ସୁନ୍ଦରଗଡ଼ ସଦର ବ୍ଲକକୁ ରାଜ୍ୟ ବ୍ଲକ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଗୋଷ୍ଠୀ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ମଧ୍ୟ ରାଜ୍ୟସ୍ତରୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି।

**ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମିନି ପୁରସ୍କୃତ**

ବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ପୁରାତନ ଛାତ୍ର ମାନଙ୍କ ସହାୟତା, ଅବଦାନ ଓ ଆର୍ôଥକ ସହାୟତାରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚବିଦ୍ୟାଳୟର ପୁରାତମ ଛାତ୍ର ସଂସଦକୁ ଜିଲ୍ଲାସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ସମଗ୍ର ରାଜ୍ୟରେ ୪୧୯ଟି କମିଟିକୁ ୨୦୨୩ ବର୍ଷ ପାଇଁ ମନୋନୀତ କରାଯାଇଥିବା ବେଳେ ସୁନ୍ଦରଗଡ ଜିଲ୍ଲାର ଭବାନୀଶଙ୍କର ସରକାରୀ ଉଚ୍ଚବିଦ୍ୟାଳୟ ଓ ସ୍ୱାଧିମେରି ଉଚ୍ଚ ବିଦ୍ୟାଳୟ ରାଜଗାଙ୍ଗପୁର ପୁରସ୍କୃତ ହୋଇଛନ୍ତି। ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସୁଧାଂଶୁ କୁମାର ଚୌଧୁରୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି।

### ପାଇପ୍ ଲାଇନ୍ କଣା କରି ପେଟ୍ରୋଲ ଚୋରି

# କ୍ଷତିଗ୍ରସ୍ତ ହେଉଛି ଚାଷଜମି, କ୍ଷତିପୂରଣ ଦାବି






**ଏରସମା, ୧୧୨(ସମିସ):** ଏରରସମା ବ୍ଲକ ଅନ୍ତର୍ଗତ ବଳେଇପୁର ନିକଟ ଗହିର ମଧ୍ୟରେ ପାରାଦୀପ-ରାଞ୍ଚି-ରାୟପୁର ଆଇଓସିଏଲ ତୈଳ ପାଇପଲାଇନରୁ ପେଟ୍ରୋଲ ଲିକ୍ ଯୋଗୁଁ ଶହ ଶହ ଏକର ଜମି କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ ବିଭାଗ ପାଇପଲାଇନ୍ ମରାମତି କାମ ଜାରି ରଖିଛନ୍ତି। ତେଲ ମାଫିଆ ମାଟିତଳେ ଯାଇଥିବା ପାଇପକୁ କଣା କରି ତେଲ ଚୋରି କରୁଥିବା ବେଳେ ତେଲ ଲିକ୍ ହୋଇଥିବା ଜଣାପଡ଼ିଛି। ହଜାର ହଜାର ଲିଟର ପେଟ୍ରୋଲ ଲିକ୍ ହୋଇ ଚାଷ ଜମିକୁ ମାଡି ଯାଇଛି। ଫଳରେ କ୍ଷତିପୂରଣ ଦାବି କରିଛନ୍ତି ଚାଷୀମାନେ। ବହୁ ତଳେ ପାଇପ୍ ଲାଇନ୍

### ଦୁର୍ବୃତ୍ତ ବ୍ୟବହାର କରୁଛନ୍ତି ଅତ୍ୟାଧୁନିକ ମେସିନ

ଯାଇଥିଲେ ମଧ୍ୟ ମାଫିଆମାନେ ଅତ୍ୟାଧୁନିକ ମେସିନ୍ ବ୍ୟବହାର କରି ଜାଣି ପାରୁଛନ୍ତି କେଉଁଠି ଜଏଣ୍ଟ ରହିଛି। ସେହିସ୍ଥାନରେ ଖୋଲି ଚୋରି କରୁଛନ୍ତି। ଅନ୍ୟପଟେ ଉଚ୍ଚମାନର ପେଟ୍ରୋଲ ଲିକ ହୋଇଥିବାରୁ ବାୟୁମଣ୍ଡଳରେ ବାଷ୍ପିଭୂତ ହେଉଥିବାରୁ ଅଗ୍ନିକାଣ୍ଡର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ପ୍ରାୟ ୫୦୦ ମିଟର ଅଞ୍ଚଳରେ କର୍ଡନ କରାଯାଇଥିଲା ବୋଲି ଡେପୁଟି ଫାୟାର ଅଫିସର ସନାତନ ମହାପାତ୍ର କହିଛନ୍ତି। ତେଣୁ ପରିସ୍ଥିତି ଆୟତ୍ତ ପାଇଁ ଆଇଓସିଏଲର ୨ଟି ଦମକଳ ଟିମ ସମେତ କୁଜଙ୍ଗ, ଏରସମା, କଟକ ଏବଂ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗତକାଲି ଅପରାହ୍ନରୁ ତେଲ ଲିକ ହୋଇଥିବା ବେଳେ ଆଜି ଅପରାହ୍ନ ସୁଦ୍ଧା ଲିକ୍ ବନ୍ଦ କରାଯାଇଛି। ମାତ୍ର ସମ୍ପୂର୍ଣ୍ଣ ମରାମତି ସରି ନାହିଁ। ହେଲେ ପରିସ୍ଥିତି ବିପଦମୁକ୍ତ ରହିଛି। ଘଟଣାସ୍ଥଳରୁ ତେଲ ମାଫିଆମାନେ ବ୍ୟବହାର କରିଥିବା ଡ୍ରିଲ ମେସିନ, ଭାଲଭ୍ ପ୍ରଭୃତି ମିଳିଛି। ଗତ ଡିସେମ୍ବର ମାସ ୨୫ ତାରିଖରେ ମଧ୍ୟ ଏହିଠାରୁ ପ୍ରାୟ ୨୦୦ ମିଟର ଦୂରରେ ସମାନ ଢଙ୍ଗରେ ଡିଜେଲ ଚୋରି ବେଳେ ତେଲ ଲିକ୍ ଘଟଣା ସାମ୍ନାକୁ ଆସିଥିଲା।

### ପ୍ରହସନ ପାଲଟିଛି ଆତ୍ମସୁରକ୍ଷା ତାଲିମ

# ଖତଖାଉଛି ଜିମ୍ ସରଞ୍ଜାମ

**ରାଜକନିକା, ୧୧୨(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ସର୍ବ ପୁରାତନ ଓଲାଭର କଲେଜରେ ଦୀର୍ଘଦିନ ହେବ ଜିମ୍ ବା ବ୍ୟାୟାମଶାଳାରେ ତାଲା ଝୁଲୁଛି। ଭିତରେ ଲକ୍ଷ ଲକ୍ଷ ଟଙ୍କାର ଜିମ୍ ସରଞ୍ଜାମ ଖତ ଖାଇବାକୁ ବସିଥିବା ବେଳେ ବାହାରେ କିନ୍ତୁ ବାଳିକାମାନଙ୍କ ଆତ୍ମସୁରକ୍ଷା

**■ ଓଲାଭର କଲେଜ**

ନିମନ୍ତେ ତାଲିମ୍ ଶିବିର ହେବା ନିହାତି ଭାବେ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ତତଃ ପକ୍ଷେ ଜିମ୍ ଶାଳାକୁ କାର୍ଯ୍ୟକ୍ଷମ କରି ସୁନ୍ଦର ସ୍ୱାସ୍ଥ୍ୟ ପରେ ଆତ୍ମରକ୍ଷା କୌଶଳ ତାଲିମ୍ ଦେବା ପ୍ରାସଙ୍ଗିକତା ବହନ କରେ। ସୂଚନା ଅନୁସାରେ ଛାତ୍ରଛାତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କଲେଜମାନଙ୍କୁ ଜିମ୍ ସରଞ୍ଜାମ ପ୍ରଦାନ କରାଯାଇଛି। ଏଥିପାଇଁ ଦଶ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ହୋଇଛି। ଜିମ୍ ଶାଳାରେ ବିଭିନ୍ନ ପ୍ରକାର ବ୍ୟାୟାମ ଉପକରଣ ରହିଛି। ହେଲେ ଏହି ଜିମ୍ ସରଞ୍ଜାମ ଏବେ କୌଣସି କାମରେ ଲାଗୁନାହିଁ। ବରଂ ରକ୍ଷଣାବେକ୍ଷଣ ଅଭାବରୁ ଜିମ୍ ସାମଗ୍ରୀ ମାଟିରେ ମିଶିବାକୁ ବସିଲାଣି। ଏମିତିକି ଜିମ୍ ଘରଟିରେ ଦୀର୍ଘଦିନ ହେବ ତାଲା ପଡ଼ିଛି। ଏ ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଖବର ପ୍ରକାଶ ପରେବି କଲେଜ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଅପରପକ୍ଷେ ସପ୍ତାହବ୍ୟାପୀ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଚାଲିଛି। ଯାହାକୁ ନେଇ ସବୁଠି ପ୍ରତିକ୍ରିୟା ପ୍ରକାଶ ପାଇଛି। ଆତ୍ମସୁରକ୍ଷାର କବଚ ଜିମ୍ ସେବାକୁ ଅଣଦେଖା କରି କେବଳ ମଞ୍ଚରେ ଆତ୍ମରକ୍ଷା ତାଲିମ୍ ପ୍ରଚାର୍ ସର୍ବସ୍ୱ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାଇୱା ଡ୍ରାଇଭର ମୃତ

**ପଟ୍ଟାମୁଣ୍ଡାଇ, ୧୧୨(ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୧ ନଂ. ୱାର୍ଡ ଷଣ୍ଢପଲ୍ଲୀ ଗ୍ରାମର ମଣିକ ମନ୍ଦିର ଛକରେ ହାଇୱାରୁ ବାଲି ଖାଲି କରୁଥିବା ସମୟରେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାଇୱା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବାଲିଆ ଗ୍ରାମର ଜୟନ୍ତ କୁମାର ରାଉତ (୩୬)। ବୁଧବାର ରାତିପ୍ରାୟ ସାଢେ ୧୧ଟାରେ ଜୟନ୍ତ ନିଜ ହାଇୱାରେ ବାଲି ବୋଝେଇ କରି ଷଣ୍ଢପଲ୍ଲୀ ଆସିଥିଲେ। ହାଇଡ୍ରୋଲିକ୍ ଡାଲା ଉପରକୁ ଟେକି ବାଲି ଖାଲି କରିବାବେଳେ ୧୧କେଭି ତାରରେ ଲାଗି ଚାର୍ଜ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଜୟନ୍ତଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ପୁରାତନ ବିଦ୍ୟାଳୟର ନାହିଁ ପାଚେରି



**ପଞ୍ଚୁପାଣ୍ଡବ, ୧୧୨(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଢ଼ିଅସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚେରି ନାହିଁ। ପୁରୁଣା ଘର ଓ ଭଙ୍ଗା କାନ୍ଥରେ ପାଚେରୀ ଠିଆ ହୋଇଛି। ଏ ବିଦ୍ୟାଳୟଟି ୧୯୫୯ ମସିହାରୁ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୭୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟର ପୁରୁଣା ଘରକୁ ଭାଙ୍ଗି କାନ୍ଥ ଛଡ଼ାଯାଇ ପାଚେରି ପାଇଁ ରଖାଯାଇଛି। ପୁରୁଣା କାନ୍ଥ କେତେବେଳେ ଭାଙ୍ଗିବ କହିହେବନାହିଁ। ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି ଯେ ପାଚେରି ପାଇଁ ଆମେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଛୁ। ଏ ବିଦ୍ୟାଳୟର ପୁରୁଣା କାନ୍ଥକୁ ଭାଙ୍ଗି ନୁଆ ପାଚେରୀ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ମୋଟର ଚାଳିତ ହୁଇଲ୍ ଚେୟାର୍ ପ୍ରଦାନ

**କେନ୍ଦ୍ରାପଡ଼ା, ୧୧୨(ସମିସ):** ଭିନ୍ନକ୍ଷମମାନଙ୍କ ଜୀବନକୁ ଅଧିକ ସହଜ ଓ ସୁଗମ କରିବା ନିମନ୍ତେ ଆକ୍ଟିଭ୍ ହୁଇଲ୍ ଚେୟାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ପାରାପ୍ଲେଜିକ୍‌ମାନଙ୍କୁ ଏହା ସାମାଜିକ ଓ ଅର୍ଥନୈତିକ ଅନ୍ତର୍ଭୁକ୍ତିରେ ସାମିଲ କରିବାରେ ସହାୟକ ହୋଇଥାଏ। କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ କରି ମାଡ୍ରାସ ଆଇଆଇଟି ଦ୍ୱାରା ବିକଶିତ ଏକ ଆକ୍ଟିଭ୍ ନିଓମୋସନ ହୁଇଲ୍ ଚେୟାର ନିକିରାଇ, ମଠସାହିର ଭିନ୍ନକ୍ଷମ ପର୍ଶୁରାମ ସାହୁଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ପ୍ରଦାନ କରାଯାଇଛି। ସ୍ୱର୍ଗତଃ ଭିନ୍ନକ୍ଷମ ଯୁବ ଉଦ୍ୟୋଗୀ ଧନଞ୍ଜୟ ସାହୁଙ୍କ ସ୍ମୃତିରେ ସ୍ଥାନୀୟ ପୁନର୍ବାସ ପରିସରରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ବିଶିଷ୍ଟ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ଅମିତାଭ ଚୌଧୁରୀ ଓ ଭାଗ୍ୟଲକ୍ଷ୍ମୀ ସାହୁ ଦିବଂଗତ ଧନଞ୍ଜୟ ସାହୁଙ୍କ ପତ୍ନୀ ଉକ୍ତ ମୋଟର ଚାଳିତ ହୁଇଲ୍ ଚେୟାରକୁ ପ୍ରଦାନ କରିଥିଲେ। ଏଠାରେ ପ୍ରକାଶଯୋଗ୍ୟ ଭିନ୍ନକ୍ଷମ ପର୍ଶୁରାମ ସାହୁ ଦୀର୍ଘ ପାଞ୍ଚବର୍ଷ ଧରି ଶାରୀରିକ ଅକ୍ଷମ ଥିବା ସତ୍ତ୍ୱେ ହୁଇଲ୍ ଚେୟାରରେ ଏକ ଦୋକାନ ପରିଚାଳନା କରି ଆସୁଛନ୍ତି। ଏହି ଆକ୍ଟିଭ୍ ହୁଇଲ୍ ଚେୟାରରେ ତାଙ୍କୁ ବ୍ୟବସାୟ କ୍ଷେତ୍ରରେ ଅଧିକ ସହାୟକ ହେବ। ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଲକ୍ଷ୍ମୀନାରାୟଣ ଅଧିକାରୀ, ବଂଶୀଧର ମହାନ୍ତି, ମହମ୍ମଦ ଯାହିଦ୍‌ଟାନ୍, କାଉନସିଲର ସଞ୍ଜୀବ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




**● ସାଇଜ୍ଞାନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ**

## 'ନିଜ ଇଚ୍ଛାକୁ ପିଲା ଉପରେ ଲଦି ଦିଅନି'

**ଜଗତସିଂହପୁର, ୧୧୨(ସମିସ):** ପ୍ରତି ପିଲା ଭିତରେ ଅନ୍ତର୍ନିହିତ ଗୁଣ ଅଛି। ଉପଯୁକ୍ତ ଯତ୍ନ ଓ ସୁଯୋଗ ପାଇଲେ ଏହାର ପରିପ୍ରକାଶ ହୋଇଥାଏ। ଭବିଷ୍ୟତ ଗଢିବା ନାମରେ ପିଲା ଉପରେ ନିଜ ଇଚ୍ଛାକୁ ଲଦିଦେଇ ତାକୁ ମେସିନଟିଏ ନକରିବାକୁ ସାଇଜ୍ଞାନ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଅଭିଭାବକଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞାପାରମିତା ଚୋଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ବକ୍ତାଭାବେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ପୂର୍ବତନ ସଦସ୍ୟା ସଙ୍ଗୀତା ରଥ ଯୋଗଦେଇ ପିଲାକୁ ନିଜ ଇଚ୍ଛାରେ ବଞ୍ଚିବାକୁ ଦେବାକୁ ସେ



ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଯୋଗଦେଇ ଚାକିରି କହିଲେ, ଆମେ କେବଳ ଡାକ୍ତର ଓ ଇଂଜିନିୟର ବୋଲି ବୁଝିଥାଉ। ବହୁ ପିଲା ବାପା-ମା'ଙ୍କର ଏହି ବାଧ୍ୟ ଆଶାଟିକୁ ପୁରଣ କରିବାରେ ବ୍ୟର୍ଥ ହେବା ପରେ ଭାଙ୍ଗି ପଡୁଛନ୍ତି। ପିଲାକୁ ତା ନିଜ ଇଚ୍ଛାରେ ଚାଲିବାକୁ ଦିଆଯାଉ ବୋଲି ପରାମର୍ଶ ଦେଇଥିଲେ। ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଡିଏସପି ବିରଞ୍ଚି ବାଗ ପ୍ରମୁଖ ଯୋଗଦେଇ ନିଜ ପିଲାଦିନର ସ୍ମୃତି ବଖାଣିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଆଇଜାକ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

## ଖଣ୍ଡାୟତ, କ୍ଷତ୍ରିୟ ମହାସଂଘର ପରିବର୍ଦ୍ଧିତ ବୈଠକ

**ଡେରାବିଶ, ୧୧୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଦୟାନନ୍ଦ ସେବାଶ୍ରମ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ପରିବର୍ଦ୍ଧିତ ବୈଠକ ସଭାପତି ହରେକୃଷ୍ଣ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ଖଣ୍ଡାୟତ କ୍ଷେତ୍ରୀୟ ବନ୍ଧୁ ଏହି ବୈଠକରେ ଯୋଗ ଦେଇଥିଲେ। ମହାସଂଘର ସମ୍ପାଦକ ମଦନ ମୋହନ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆରମ୍ଭରେ ସେବାଶ୍ରମର କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ବାନାମ୍ବର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଭାରେ ଖଣ୍ଡାୟତ କ୍ଷେତ୍ରୀୟ ବର୍ଗଙ୍କ ପାଇଁ ପାଠପଢ଼ା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଉଦାସିନତା ପାଇଁ କୌଣସି ରାଜନେତା ମୁହଁ ନଖୋଲିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରତି ଗ୍ରାମସ୍ତରରୁ ଖଣ୍ଡାୟତ କ୍ଷେତ୍ରୀୟ ସଂଗଠିତ ହେବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହି ଜିଲ୍ଲା ସଂଗଠନ ରାଜ୍ୟ ସ୍ତରରେ ପ୍ରତିଷ୍ଠିତ ପ୍ୟାରିମୋହନ ସାମନ୍ତରାୟଙ୍କ ସଂଗଠନ ସହିତ ଅନୁବନ୍ଧିତ ହେବାକୁ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପାଦକ ଶ୍ରୀ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ କାର୍ତ୍ତିକ ଚରଣ ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ଶ୍ରୀଧର ମହାନ୍ତି, ପାର୍ବତୀ ନାୟକ, ଉର୍ମିଳା ଆର୍ଯ୍ୟା, ଅମର ପ୍ରସାଦ ରାଉତ, ସମରେନ୍ଦ୍ର ନାୟକ, ସରୋଜକାନ୍ତ ନାୟକ, କରୁଣାକର ସ୍ୱାଇଁ, ମାନଗୋବିନ୍ଦ ସ୍ୱାଇଁ, ଅଭୟ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବୈଠକ ମାର୍ଚ୍ଚ ୪ ତାରିଖରେ ସେବାଶ୍ରମ ପରିସରରେ ଅନୁଷ୍ଠିତ ହେବ।

### ଗ୍ରନ୍ଥାଗାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜଗତସିଂହପୁର, ୧୧୨(ସମିସ):** ପାରାଦୀପ ସୂଚନା କେନ୍ଦ୍ର କର୍ମଚାରୀ ଓ ପାଠାଗାରିକ ବିଶ୍ୱନାଥ ଜାରିକା ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଜିଲ୍ଲା ସୂଚାନ ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରେ ଜିଲ୍ଲା ସୂଚାନ ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ନିରାଡମ୍ବର ଭାବେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**କେନ୍ଦ୍ରାପଡ଼ା, ୧୧୨(ସମିସ):** ଆୟବା ସରକାରୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ଆତ୍ମରକ୍ଷା ତାଲିମ ଶିବିର' ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ବିନାୟକ ପ୍ରସାଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସଂଯୋଜିକା ବିନ୍ଦୁସ୍ମିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋବରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆତ୍ମରକ୍ଷା ସମ୍ପର୍କରେ କହିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଦେଇଥିଲେ ପ୍ରଶିକ୍ଷିକା ବନସ୍ମିତା ପଣ୍ଡା। ଅଧ୍ୟାପିକା ଡକ୍ଟର ନିନି ମହାରଣା, ପ୍ରଜ୍ଞା ମିଶ୍ର, ଶ୍ରୀକାନ୍ତ ବେହେରା, ଭଞ୍ଜକିଶୋର୍ ଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ



**ରଘୁନାଥପୁର, ୧୧୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ଶିରିଡି ସାଇ ମନ୍ଦିର ସପ୍ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେଡିନେତା ତଥା ସଂଗଠକ ଯୁଧିଷ୍ଠିର ସେଠୀ, ବିଶିଷ୍ଟ କଣ୍ଠଶିଳ୍ପୀ ଡ.ଅନୁରାଧା ପାଣିଗ୍ରାହୀ, ବିଜେଡି ନେତା ପ୍ରଫେସର ରମାକାନ୍ତ ଭୋଇ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଆଗାମୀ ଓଡ଼ିଶାର ବରିଷ୍ଠ ସଦସ୍ୟ ବିଜୟ କୁମାର ସ୍ୱାଇଁ, ଜିତୁ ଜେନା, ପ୍ରଣୟ କୁମାର ମହାନ୍ତି, ସଙ୍ଗୀତଜ୍ଞ ପବିତ୍ର କୁମାର ନାୟକ ପ୍ରମୁଖଙ୍କୁ ଶିରିଡି ସାଇ ପ୍ରତିଷ୍ଠାନ ପକ୍ଷରୁ ସଭାପତି ନିରୁପମା ପାଲଟା ସିଂହ, ସମ୍ପାଦକ ଇଂ ବାବାଜି ଜେନା, ସରପଞ୍ଚ ବଟକୃଷ୍ଣ ନାୟକ, ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର, କୋଷାଧ୍ୟକ୍ଷ ପାର୍ଥସଖା ପାଲଟାସିଂହ, ଆଜୀବନ ସଦସ୍ୟ ତଥା ଓଡ଼ିଶା ମୋ ପରିବାର ସଂଯୋଜକ ଡ.ସୁରେନ୍ଦ୍ର ମହାପାତ୍ର, ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅତିଥିମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କୃତୀ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୧୨(ସମିସ):** ପଙ୍କପାଳର ଶତାୟୁ ଶିକ୍ଷାନୁଷ୍ଠାନ ପଙ୍କପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପରେଣୁ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ରୂପେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ଓ ମୁଖ୍ୟ ବକ୍ତା ରୂପେ ବିଇଓ ପବିତ୍ର କୁମାର କର ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ୩ ଜଣ ଏବିଓ ସରୋଜନୀ ଦେବୀ, ପ୍ରତିମା ସୂତାର ଓ ମନୋରଞ୍ଜନ ମଙ୍ଗରାଜଙ୍କ ସହ ୧ନଂ ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ହେଡ୍‌କ୍ୱାର୍ଟର ସିଆର୍‌ସିସି ଲଳିତ କୁମାର ସେଠୀ, କୁଜଙ୍ଗ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କେଶବ ଚନ୍ଦ୍ର ଦଳାଇ, ରାଜେନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହୁ, ପଙ୍କପାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଚିତ୍ରା ମହାନ୍ତି, ଶିକ୍ଷକ ନେତା ସୁଧୀରଞ୍ଜନ ମହପାତ୍ର, ବିଦ୍ୟାଳୟର ଏସ୍‌ଏମ୍‌ସି ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପଙ୍କପାଳ ୟୁପିର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଭାପତିତ୍ୱ ଓ ଶତ୍ରୁଘ୍ନ ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଂଯୁକ୍ତା ମଲ୍ଲ ମାନପତ୍ର ପଠନ ଓ ସୂର୍ଯ୍ୟକାନ୍ତ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଘରଡିହ ପଟ୍ଟା ଦାବିରେ ବିକ୍ଷୋଭ




**ଜଗତସିଂହପୁର, ୧୧୨(ସମିସ):** ଉପକୂଳବର୍ତ୍ତୀ ବାଲିକୁଦା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ସରକାରୀ ଜମିରେ କୁଡିଆକରି ରହୁଥିବା ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ଘର ଡିହ ପଟ୍ଟା ଯୋଗାଇ ଦେବା ଦାବିରେ ଅଲ୍ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରିଷଦର ଜିଲ୍ଲା ଆବାହକ ଶଙ୍କର ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସିପି ଛକ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲା। ବାଲିକୁଦା ତହସିଲ ଅଞ୍ଚଳରେ ପୁରୁଷାନୁକ୍ରମେ ଦୀର୍ଘ ବର୍ଷ ହେବ ୭୫ ଭୂମିହୀନ ପରିବାର ବସତି ସ୍ଥାପନ କରି ଚଳି ଆସୁଛନ୍ତି। ମାତ୍ର ସେମାନଙ୍କୁ ବାଲିକୁଦା ତହସିଲ ପକ୍ଷରୁ ପଟ୍ଟା ଦିଆଯାଉନାହିଁ। ଫଳରେ ଉକ୍ତ ପରିବାରର ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ସହିତ ପକ୍କାଘର ଯୋଜନା ଓ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି।

